ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.211 Bhubaneswar Friday September 29 2023 | ୨୬ତମ ବର୍ଷ ସଂଖ୍ୟା–୨୧୧ ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୯, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

# ବିରୋଧୀ ଦଳ ନେତାଙ୍କୁ 'ମାନସିକ ବିକାରଗ୍ରସ୍ତ' କହି ପ୍ରତିହିଂସାର ରାଜନୀତି କରୁଛି କି ବିଜେଡି



ଭୁବନେଶ୍ୱର,୨୮।୯(ପି.ଏନ):ବିରୋଧୀ ଦଳ ନେତାଙ୍କୁ 'ମାନସିକ ବିକାରଗ୍ରସ୍ତ' ବୋଲି ସମ୍ବୋଧିତ କରିବା ଓ ତାହା ବିଧାନସଭାର ଗୃହ ବିବରଣୀରୁ ବାଦ୍ ଦିଆନଯିବା ଶାସକ ବିଜେଡିର ପ୍ରତିହିଂସା ରାଜନୀତିକୁ ପଦାରେ ପକାଇଛି । ଗଣତନ୍ତ୍ରରେ ନିର୍ବାଚିତ ସରକାର ଓ ବ୍ୟବସ୍ଥାଗତ ତ୍ରୁଟିକୁ ଲୋକଲୋଚନକୁ ଆଣିବା ବିରୋଧୀ ଦଳର କାର୍ଯ୍ୟ ହୋଇଥିବାବେଳେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କୁ ଏବେ ଶାସକ ବିଜେଡି କ୍ରମାଗତ ସମାଲୋଚନା କରି ଆଜି ସବୁ ସୀମାକୁ ଲଘଂନ କରିଛି । ଗତକାଲି ଶ୍ରୀ ମିଶ୍ର ସିଧାସଳଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ୍ କରି ଶ୍ରଦ୍ଧା ନାମ୍ନୀ ମହିଳା କିଏ ଓ ସେ କାହିଁକି ମୁଖ୍ୟମନ୍ତ୍ରୀଙ୍କ ସହ ସରକାରୀ ଅର୍ଥରେ ଭାଟିକାନ ସିଟି ଯାଇଥିଲେ ଏବଂ ସରକାରୀ କ୍ୱାଟର୍ସ ତାଙ୍କୁ କାହିଁକି ଦିଆଯାଇଛି ବୋଲି ପ୍ରଶ୍ନ କରିବା ପରେ ଶାସକ ବିଜେଡିରେ କମ୍ପନ ସୃଷ୍ଟି ହୋଇଥିଲା । ବିରୋଧୀ ଦଳ ନେତା ଶ୍ରୀ ମିଶ୍ରଙ୍କ ଏଭଳି ସଙ୍ଗୀନ ଅଭିଯୋଗ ଉପରେ ମୁହଁ ଖୋଲୁନଥିବା ଶାସକ ବିଜେଡି କିନ୍ତୁ ଆଜି ବିଧାନସଭା ଭିତରେ ବିରୋଧୀ ଦଳ ନେତାଙ୍କୁ 'ମାନସିକ ବିକାରଗ୍ରସ୍ତ' ବୋଲି କହିବାକୁ ପଛାଇ ନାହିଁ । ଶାସକ ଦଳ ସିଧାସଳଖ ବିରୋଧୀ ଦଳ ନେତାଙ୍କୁ ମାନସିକ ବିକାରଗ୍ରସ୍ତ ବୋଲି ଆକ୍ଷେପ କରିବା ପ୍ରତିବାଦରେ ଏଭଳି ଶବ୍ଦକୁ ଗୃହ ବିବରଣୀରୁ ବାଦ୍ ଦେବା ପାଇଁ ବିରୋଧୀ ଦଳ ବିଧାୟକମାନେ ଅଡି ବସିଥିଲେ । କିନ୍ତୁ ବାଚସ୍ପତି ଏଥିପ୍ରତି ଗୁରୁତ୍ୱ ଦେଇନଥିଲେ । ଶାସକ ଦଳର ଏଭଳି ଆଭିମୁଖ୍ୟ ହିଁ ପରୋକ୍ଷରେ ବିରୋଧୀ ଦଳ ନେତାଙ୍କ ପ୍ରତି ବିଜେଡିର ଅସହିଷ୍ଣୁତା ଓ ପ୍ରତହିଂସା ରାଜନୀତିକୁ ଇଙ୍ଗିତ କରୁଛି । ଆଜି ପୂର୍ବାହ୍ନରେ ଗୃହରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ମନ୍ତ୍ରୀ ପ୍ରଦୀପ ଅମାତଙ୍କ ନାଁରେ ବୁକ୍ ହୋଇଥିବା ହେଲିକପ୍ଟରକୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ଫାଇଭ-ଟି ସଚିବ କଟକ ଯିବା ପାଇଁ ଉପଯୋଗ କରିଛନ୍ତି । ଫାଇଭ-ଟି ସଚିବଙ୍କ ଗସ୍ତରେ ହେଲିକପ୍ଟର ଭଡା ବାବଦରେ କେତେ ଅର୍ଥ ଖର୍ଚ୍ଚ ହୋଇଛି ସେନେଇ କେହି ପ୍ରଶ୍ନ କରିନଥିଲେ ବି ମୁଖ୍ୟମନ୍ତ୍ରୀ ନିଜ ଆଡୁ ଗୃହରେ ହିସାବ ରଖିଥିଲେ । ସାଢ଼େ ୩ବର୍ଷରେ ୪୦କୋଟି ଟଙ୍କା ବିମାନ ଭଡା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ବି ଫାଇଭ-ଟି ସଚିବଙ୍କ ଗସ୍ତବେଳେ ସୁରକ୍ଷା ବନ୍ଦୋବସ୍ତ, ଟେଣ୍ଟ ଭଡା, ଲୋକଙ୍କୁ ସଭାସ୍ଥଳକୁ ଆଣିବା ପାଇଁ କେତେ ଅର୍ଥ ଖର୍ଚ୍ଚ ହୋଇଛି ସେନେଇ ନିରବ ରହିଛନ୍ତି । ବିଧାୟକଙ୍କ ବିବାହ ଭୋଜିରେ ଯୋଗ ଦେବା ପାଇଁ ହେଲିକପ୍ଟର କିଭଳି ଉପଯୋଗ ହୋଇଥିଲା ।କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସମାନ ଢଙ୍ଗରେ ସରକାରଙ୍କୁ ଟାର୍ଗେଟ କରି କହିଥିଲେ ଯେ, ଭୁବନେଶ୍ୱରର ଲୋଏର ପିଏମଜିରେ ବିଭିନ୍ନ ସଂଗଠନ ନିଜ ନିଜର ଦାବି ପୂରଣ ପାଇଁ ଧାରଣାରେ ବସିଛନ୍ତି । ଲୋକଙ୍କ ଅଭିଯୋଗ ଶୁଣିବା ପାଇଁ ସିଏମଓ ବିଭିନ୍ନ ଜିଲ୍ଲା ଗସ୍ତରେ ଯାଉଛି ବୋଲି ସରକାର ବିଧାନସଭାରେ କହୁଛନ୍ତି । କିନ୍ତୁ ରାଜଧାନୀରେ ହଜାର ହଜାର ଲୋକ ଦାବି ପୂରଣ ପାଇଁ ଧାରଣାରେ ବସିଛନ୍ତି । କାହିଁକି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଲୋଏର ପିଏମଜିକୁ ଯାଇ ସେମାନଙ୍କର ଅଭିଯୋଗ ଶୁଣୁନି ବୋଲି ସେ ପ୍ରଶ୍ନ କରିଛନ୍ତି । ଲୋକଙ୍କ ଅଭିଯୋଗ ଶୁଣିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ବଦଳରେ ଜିଲ୍ଲାକୁ ତାଙ୍କ ଗୁମାସ୍ତା ଯାଉଥିଲେ । ସମୟ ଆସିବ ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ବଦଳରେ ଉତ୍ତର ଦେବା ପାଇଁ ଫାଇଭ-ଟି ସଚିବ ଆସିବେ ବୋଲି ଶ୍ରୀ ମିଶ୍ର କହିଛନ୍ତି ।

## ଅଧିବେଶନ ଆରମ୍ଭରୁ ପୁଣି ହଙ୍ଗାମା : ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହ ମୁଲତବୀ



ଭୁବନେଶ୍ୱର,୨୮।୯(ପି.ଏନ) : ଆଜି ବିଧାନସଭାରେ ମୌସୁମୀ ଅଧିବେଶନ । ଅଧିବେଶସନ ଆରମ୍ଭରୁ ସଭାଗୃହରେ ପୁଣି ହଙ୍ଗାମା ହୋଇଥିଲା । ଏନେଇ ବାଚସ୍ପତି ପ୍ରମିଳା ମଲ୍ଲିକ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି ।ସୂଚନା ଅନୁସାରେ, ଆଜି ବିଧାନସଭା ମୌସୁମୀ ଅଧିବେଶନ ଆରମ୍ଭରୁ ପୁଣି ବିରୋଧୀ ଦଳଙ୍କର ହଙ୍ଗାମା ଆରମ୍ଭ ହୋଇଥିଲା । ୫-ଟି ସଚିବଙ୍କ ଗସ୍ତକୁ ନେଇ ବିଧାନ ସଭାରେ ସରକାରଙ୍କ ଉପରେ ବିରୋଧୀଦଳର ନେତା ସିଧାସଳଖ ଆକ୍ରମଣ କରିଲେ । ଏପରିକି ସଭା ଗୃହର ମଧ୍ୟଭାଗକୁ ଆସି ବିଜେପି ବିଧାୟକମାନେ ହଟ୍ଟଗୋଳ କରିଥିଲେ ।ଏଭଳି ପରିସ୍ଥିତି ଦେଖି ବାଚସ୍ପତି ବାଧ୍ୟ ହୋଇ ବିଧାନସଭାକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ବୋଲି ଘୋଷଣା କରିଛନ୍ତି ।

## ସୃଷ୍ଟି ହେଲା ଘୂର୍ଣ୍ଣିବଳୟ; ୩୦ ପ୍ରବଳରୁ ଅତି ପ୍ରବଳ ବର୍ଷିବ !



ଭୁବନେଶ୍ୱର,୨୮।୯(ପି.ଏନ): ପୂର୍ବ କେନ୍ଦ୍ରୀୟ-ଉତ୍ତର ବଙ୍ଗୋପସାଗରରେ ଆସନ୍ତା ୨୪ ଘଣ୍ଟା ଭିତରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହା ପୂର୍ବରୁ ଆଜି ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ସମ୍ଭାବ୍ୟ ଲଘୁଚାପ ପରବର୍ତ୍ତୀ ସମୟରେ ଘନୀଭୂତ ହୋଇ ସୁଦୃଶ୍ୟ ଲଘୁଚାପ କ୍ଷେତ୍ରରେ ପରିଣତ ହେବ। ଏହାର ପ୍ରଭାବରେ ୩୦ ତାରିଖରୁ ଅକ୍ଟୋବର ୩ ତାରିଖ ସକାଳ ସାଢ଼େ ୮ଟା ଯାଏଁ ଓଡିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛନ୍ତି ।ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ୨୪ ଘଣ୍ଟା ଭିତରେ ମାଲକାନଗିରି, କୋରାପୁଟ, ରାୟଗଡା, କନ୍ଧମାଳ, ଗଜପତି, ଝାରସୁଗୁଡା, ସୁନ୍ଦରଗଡ, ସମ୍ବଲପୁର, ଦେବଗଡ, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ବଜ୍ରପାତ ସହ ଘଡଘଡି ମାରିବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ୨୯ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ବାଲେଶ୍ୱର ଜିଲ୍ଲା ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ବଜ୍ରପାତ-ଘଡଘଡି ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ, କନ୍ଧମାଳ, ମାଲକାନଗିରି, କୋରାପୁଟ ଓ ରାୟଗଡା ଜିଲ୍ଲାକୁ ସତର୍କ ସୂଚନା ଜାରି ହୋଇଛି। ସେଥିପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି।

## ଗୁଟଖା ଯାଂଚ, ୯୦୦୦ ଟଙ୍କା ଜରିମାନା ଆଦାୟ

ଗଞ୍ଜାମ, ୨୮।୯(ପି.ଏନ): ଗଞ୍ଜାମ ଜିଲ୍ଲାର ଗୋପାଳପୁର ଅଂଚଳରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମଓ)ଙ୍କ ନିର୍ଦ୍ଦେଶ କ୍ରମେ ଏନଡିପିସି ପକ୍ଷରୁ ଗୁଟଖା ଯାଂଚ୍ ସହ ପ୍ରାୟ ୯୦୦୦ ଟଙ୍କା ଜରିମାନା ଆଦାୟ ହୋଇଛି । ସ୍କୁଲ ଓ କଲେଜ ନିକଟରେ ବହୁଳ ଭାବରେ ଗୁଟଖା ବିକ୍ରୀ ହେଉଥିବା ଏବଂ ବହୁ ଛାତ୍ର ଏହାକୁ ସେବନ କରୁଥିବା ନେଇ ଅଭିଯୋଗ ହୋଇଥିଲା । ଏହାର ଯାଂଚ୍ କରିବା ପାଇଁ ଏକ ଡ୍ରଗ୍ ସ୍କ୍ୱାଡ୍, ଫୁଡ୍ ସେଫ୍ଟି ଓ ଗୋପାଳପୁର ପୋଲିସ ପକ୍ଷରୁ ମିଳିତ ଭାବେ ମାଣ୍ଡିଆପଲ୍ଲୀ, ରଙ୍ଗେଇଲୁଣ୍ଡା ଏବଂ କରାପଲ୍ଲୀ ଗ୍ରାମର ସ୍କୁଲ ଓ କଲେଜ ନିକଟରେ ଥିବା ପାନ ଦୋକାନ ଓ ଆଖପାଖରେ ରହିଥିବା ପ୍ରାୟ ୪୦ଟି ଦୋକାନ ଯାଂଚ୍ କରାଯାଇଥିଲା । ବେଆଇନ ଭାବେ ଗୁଟଖା ବିକ୍ରୀ କରୁଥିବା ଦୋକାନୀଙ୍କ ଠାରୁ ପ୍ରାୟ ୯୦୦୦ ଟଙ୍କା ଜରିମାନା ଆଦାୟ ହୋଇଛି । ଏହି ଯାଂଚ୍ ଟିମ୍ ରେ ଏନଡିପିସିର ଅନନ୍ତ କୁମାର ନାୟକ, ଫୁଡ୍ ସେଫ୍ଟି ର ଚିନ୍ମୟ ପାଢୀ, ଗୋପାଳପୁର ଥାନା ଏଏସଆଇ ପ୍ରଶାନ୍ତ କୁମାର ଡାକୁଆ ପ୍ରମୁଖ ସାମିଲ୍ ଥିଲେ ।

## ଶୂନ୍ୟକାଳରେ ସରକାରଙ୍କ ଉପରେ ବର୍ଷିଲେ ବିରୋଧୀ ଦଳ ନେତା

ଭୁବନେଶ୍ୱର, ୨୮।୯(ପି.ଏନ): ଗୁରୁବାର ଶୂନ୍ୟକାଳରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର । ସେ ଶୂନ୍ୟକାଳରେ କହିଛନ୍ତି ଯେ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ଅନେକ ଥର ଗୃହରେ ବିବୃତି ଦେବାକୁ ଦାବି କରା ଗଲେ ସୁଦ୍ଧା ସେ ବକ୍ତବ୍ୟ ଦେଇ ନ ଥାନ୍ତି । ଏବେ ନିଜ ଆଡୁ ଦୁଇ ଥର ଗୃହରେ ବକ୍ତବ୍ୟ ଦେଇଛନ୍ତି । ସେ ୫ଟି ସଚିବଙ୍କ ଜନ ଶୁଣାଣୀ ସମ୍ପର୍କରେ କହିଥିଲେ ଯେ କିନ୍ତୁ ଯେଉଁ କଲେଜ ଛାତ୍ର ଛାତ୍ରୀ ମାନଙ୍କୁ ବୁହା ହୋଇ ଅଣା ଗଲା ସେଇଟା କେଉଁ ପ୍ରକାର ଜନ ଶୁଣାଣି । ହେଲିକପ୍ଟର ହିସାବ ଆମେ ମାଗି ନଥିଲୁ ସେଇଟା ଦେଲେ ଆଉ କହିଲେ ୪୦ କୋଟି ବୋଲି କିନ୍ତୁ ଟେଣ୍ଡ ଓ ଚେୟାର ପକେଇବା ପାଇଁ ହୋଇଥିବା ଖର୍ଚ୍ଚ କେତେ । ସିକ୍ୟୁରିଟି ଆରେଜମେଂଟ ର ଖର୍ଚ୍ଚ କେତେ ତାହାର ହିସାବ ଦିଅନ୍ତୁ । ପାଲଲହଡା ବିଧାୟକଙ୍କ ବାହାଘର ଓ ତାଳଚେର ବିଧାୟକ ଙ୍କ ବାପା ଙ୍କ ଶୁଦ୍ଧିକ୍ରିୟା ରେ ୫-ଟି ସଚିବ ଯିବା ସମୟ ରେ ହେଲିକ୍ୟାପ୍ଟର ବ୍ୟବହାର କଣ ପାଇଁ ହେଲା । କଟକ ଓ ଖୋର୍ଦ୍ଧା କେତେ ଦୂର । ମନ୍ତ୍ରୀ ପ୍ରଦୀପ ଅମାତ ଙ୍କ ନାଁ ରେ ବୁକ ଥିବା ହେଲିକ୍ୟାପ୍ଟର କୁ କଟକ ଯିବା ପାଇଁ ୫-ଟି ସଚିବ ବ୍ୟବହାର କଲେ କେମିତି ବୋଲି ସେ ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି ଯେ ଜଣେ ବ୍ୟକ୍ତି କଣ ସିଏମଓ ।

## ଅଢ଼େଇ ବର୍ଷର ଝିଅକୁ ଧରି ନଦୀକୁ ଡେଇଁଲା ବାପା

ଭଦ୍ରକ, ୨୮।୯(ପି.ଏନ): ଭଦ୍ରକ ଆଖୁଆପଦା ବ୍ରିଜ୍ ଉପରୁ ନିଜର ଅଢ଼େଇ ବର୍ଷର ଝିଅକୁ ଧରି ନଦୀକୁ ଡେଇଁ ପଡିଲା ବାପା । ଘଟଣା ପରେ ବାପା ଝିଅ ନିଖୋଜ ଅଛନ୍ତି । ଖବର ପାଇ ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଂଚି ଖୋଜାଖୋଜି ଜାରି ରଖିଛନ୍ତି। ନିଖୋଜ ବାପା ଝିଅ ଭଣ୍ଡାରିପୋଖରୀ ଥାନା ଅଧୀନସ୍ଥ ବାଲିପୋଖରୀ ପଂଚାୟତ ପରମାନନ୍ଦପୁର ଗ୍ରାମର ବୋଲି ଜଣାପଡିଛି । ଗତକାଲି ରାତିରେ ଏହି ଘଟଣା ଘଟିଛି । ତେବେ ଅଦ୍ୟାବଧି ନିଖୋଜ ବାପାଝିଅଙ୍କୁ ଠାବ କରାଯାଇପାରିନାହିଁ । ନିଖୋଜ ଚନ୍ଦନ ସାହୁ ୪ ବର୍ଷ ତଳେ ମଞ୍ଜୁରୀ ଗ୍ରାମର ଲକ୍ଷ୍ମୀପ୍ରିୟାଙ୍କୁ ବିବାହ କରିଥିଲେ । ଓ ସୁରତରେ ଏକ ସୂତା ମିଲ୍ ରେ କାର୍ଯ୍ୟ କରୁଥିଲେ । ପତିପତ୍ନୀ ସୁରତରେ ରହୁଥିଲେ । ସେଠାରେ ତାଙ୍କର ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା । ଏହି ଶିଶୁକନ୍ୟା ଏବେ ଅଢ଼େଇ ବର୍ଷର । ତେବେ ପାରିବାରିକ କଳହକୁ ନେଇ ମୃତ ଯୁବକଙ୍କ ପତ୍ନୀ ମାସକ ତଳେ ସୁରତରେ ଆତ୍ମହତ୍ୟା କରିଥିଲେ । ପତ୍ନୀଙ୍କ ମୃତ୍ୟୁ ପରେ ଚନ୍ଦନ ସେଠାରେ ପତ୍ନୀଙ୍କ ଶେଷକୃତ୍ୟ ସାରି ଗତ କିଛି ଦିନ ତଳେ ଗାଁକୁ ଫେରିଥିଲେ । ମାନସିକ ଭାରସାମ୍ୟ ହରାଇ ସେ ଏପରି କରିଥିବା ଅନୁମାନ କରାଯାଉଛି । ବ୍ରିଜ୍ ଉପରୁ ଚନ୍ଦନଙ୍କ ମୋଟର ସାଇକେଲ ଓ ବାପ ଝିଅଙ୍କ ଚପଲ ଜବତ କରିଛି ଭଣ୍ଡାରିପୋଖରୀ ଥାନା ପୋଲିସ । ପ୍ରାଥମିକ ତଦନ୍ତ ସମୟରେ ଚନ୍ଦନଙ୍କ ପିତା ଦାମୋଦର ପୋଲିସକୁ ଦେଇଥିବା ବୟାନ ଅନୁସାରେ, ଗତକାଲି ରାତିରେ ତାଙ୍କ ନାତୁଣୀ ତାଙ୍କ ନିକଟକୁ ଫୋନ୍ କରିଥିଲା ।

## ବାଚସ୍ପତିଙ୍କ ପୋଡିୟମକୁ ଡାଲି ଫିଙ୍ଗି ବିଜେପି ବିଧାୟକ ମୋହନ ମାଝୀ ଓ ମୁକେଶ ମହାଲିଙ୍ଗ ସସ୍ପେଣ୍ଡ



ଭୁବନେଶ୍ୱର,୨୮।୯(ପି.ଏନ): ବାଚସ୍ପତିଙ୍କ ପୋଡିୟମକୁ ଡାଲି ଫିଙ୍ଗି ସସ୍ପେଣ୍ଡ ହୋଇଛନ୍ତି ୨ ବିଜେପି ବିଧାୟକ ମୋହନ ମାଝୀ ଓ ମୁକେଶ ମହାଲିଙ୍ଗ। ଚଳିତ ଅଧିବେଶନ ଶେଷ ପର୍ଯ୍ୟନ୍ତ ସେମାନଙ୍କୁ ସସ୍ପେଣ୍ଡ କରିଛନ୍ତି ବାଚସ୍ପତି ପ୍ରମିଳା ମଲ୍ଲିକ। ମୋହନ ମାଝୀ ବିଧାନସଭାରେ ବିରୋଧୀ ଦଳର ମୁଖ୍ୟ ସଚେତକ ଅଛନ୍ତି। ଗୃହ ମଧ୍ୟଭାଗରେ ପ୍ରଥମେ ହୋହଲ୍ଲା କରିଥିଲେ ବିଜେପି ସଦସ୍ୟ। ତା'ପରେ ପଲିଥିନରେ ଆଣିଥିବା ଡାଲି ଦେଖାଇ ପୋଡିୟମକୁ ଫିଙ୍ଗିଥିଲେ।ଦୁଇ ବିଧାୟକଙ୍କୁ ସସ୍?ପେଣ୍ଡ ନେଇ ବାଚସ୍ପତି ପ୍ରମିଳା ମଲ୍ଲିକ କହିଛନ୍ତି, ଉଭୟଙ୍କ ଆଚରଣରେ କ୍ଷୁବ୍ଧ ହୋଇ ଗୃହ ଏଭଳି ନିଷ୍ପତ୍ତି ନେଇଛି। ସମ୍ବିଧାନ ବିଧି ଅନୁସାରେ ଓ ଗୃହର ମତ ନେଇ ସସ୍ପେଣ୍ଡ କରାଯାଇଛି ।ସେପଟେ ମୋହନ ମାଝୀ କହିଛନ୍ତି, ବିନା ଦୋଷରେ ସସ୍ପେଣ୍ଡ କରାଯାଇଛି। ମୁଁ ଡାଲି ଫୋପାଡିନି କି ଉପହାର ମଧ ଦେଇନି। ଏ ନିଷ୍ପତ୍ତି ନିନ୍ଦନୀୟ। ଏହାର ଘୋର ପ୍ରତିବାଦ କରିବୁ।ବିଧାୟକ ମୁକେଶ ମହାଲିଙ୍ଗ କହିଛନ୍ତି, ଡାଲି ଏକ ସିମ୍ବଲ। ବିରୋଧୀ ଦଳ ନେତାଙ୍କୁ ମନ୍ତବ୍ୟ ଦେବାକୁ ସୁଯୋଗ ଦିଆଯାଉନି। ତେଣୁ ଆମେ ଏହାର ପ୍ରତିବାଦ କରିଥିଲୁ। ସେ ଡାଲି ଭଲ ପାଉଥିବାରୁ ତାଙ୍କୁ ଡାଲି ଉପହାର ଦେଉଥିଲୁ। ବାଚସ୍ପତି ନିରଦ୍ଦଳୀୟ ନିଷ୍ପତ୍ତି ନେବା କଥା। କିନ୍ତୁ ସେ ସେମିତି କରୁନାହାନ୍ତି। ସେ ନିରପେକ୍ଷ ହେଉ ନଥିବାରୁ ପ୍ରତିବାଦରେ ଡାଲି ଉପହାର ଦେଉଥିଲୁ। ତାଙ୍କ ପ୍ରତି ଆମର ଅସମ୍ମାନ ନାହିଁ। ତାଙ୍କୁ ଡାଲି ଉପହାର ଦେଉଥିଲୁ।ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି, ବିରୋଧୀ ଦଳ ନେତାଙ୍କୁ ସେମାନେ ମେଣ୍ଟାଲ ଡିଜ୍ଅର୍ଡର କହିଲେ। ଏହାକୁ ବିବରଣୀରୁ ବାଦ୍ ଦେବାକୁ କହିଲୁ, କିନ୍ତୁ ବାଚସ୍ପତି ଗ୍ରହଣ କଲେନି। ବାଚସ୍ପତି ନିରପେକ୍ଷ ନୁହନ୍ତି। ତାଙ୍କ ନିରପେକ୍ଷତା ଆମେ ଦେଖିପାରୁନୁ। ବାଚସ୍ପତି ଦଳର କର୍ମକର୍ତ୍ତା ଭଳି ଆଚରଣ କରୁଛନ୍ତି। ବାଚସ୍ପତି ନିଜେ ସସ୍ପେଣ୍ଡ ହେବା କଥା, ସେ କ'ଣ ସସ୍ପେଣ୍ଡ କରୁଛନ୍ତି। ଏ ସସ୍ପେଣ୍ଡକୁ ଆମେ ଭ୍ରୁକ୍ଷେପ କରୁନୁ। ଆମ ପ୍ରତିବାଦ ଜାରି ରହିବ।

## ହୀରାକୁଦରେ ଖୋଲିଲା ଆଉ ୩ଟି ଗେଟ : ମୋଟ ୭ଟି ଗେଟ ଦେଇ ନିଷ୍କାସିତ ହେଉଛି ବର୍ଷାଜଳ



ସମ୍ବଲପୁର,୨୮।୯(ପି.ଏନ) : ପୁଣି ଖୋଲୁଛି ହୀରାକୁଦ ଡ୍ୟାମର ଗେଟ । ଆଜି ପୁଣି ହୀରାକୁଦରେ ୨ଟି ଗେଟ ଖୋଲିଛି । ମୋଟ ୪ଟି ଗେଟ ଦେଇ ଡ୍ୟାମରେ ବନ୍ୟାଜଳ ନିଷ୍କାସିତ ହେଉଛି । ବର୍ତ୍ତମାନ ହୀରାକୁଦର ଜଳସ୍ତର ୬୨୯.୬୦ ଫୁଟ ରହିଛି । ଡ୍ୟାମକୁ ୧,୫୪,୯୯୯ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ, ସେଥିରୁ ୭୨,୪୦୮ କ୍ୟୁସେକ ଜଳ ନିଷ୍କାସିତ ହେଉଛି । ଉପର ମୁଣ୍ଡାରେ ସାମାନ୍ୟ ବର୍ଷା ହେଉଥିବାରୁ ଏଭଳି ନିଷ୍ପତି ନିଆଯାଇଛି ।ସୂଚନାଯୋଗ୍ୟ ଯେ, ପୁଣି ଅପରାହ୍ନରେ ଆଉ ୩ଟି ଗେଟ ଖୋଲା ଯାଇଛି । ବର୍ତ୍ତମାନ ମୋଟ ୭ଟି ଗେଟ ଦେଇ ହୀରାକୁଦ ଡ୍ୟାମରେ ବର୍ଷାଜଳ ନିଷ୍କାସିତ ହେଉଛି ।

# ମରଣଯନ୍ତା ପାଲଟିଛି ବାମେବାରୀ : ପଳାସପଙ୍ଗା ରାସ୍ତା

ଚମ୍ପୁଆ,୨୮।୯(ପି.ଏନ): ରତ୍ନଗର୍ଭା କେନ୍ଦୁଝର ଜିଲ୍ଲାକୁ ଓଡ଼ିଶା ରାଜ୍ୟ ରାଜକୋଷର ମେରୁଦଣ୍ଡ କୁହାଯାଉଥିବା ବେଳେ ଏହି ଜିଲ୍ଲାରେ ବସବାସ କରୁଥିବା ଲୋକ ମାନଙ୍କୁ ମୌଳିକ ସୁବିଧା ଟିକେ ମଧ୍ୟ ମିଳିପାରୁ ନ ଥିବା ଦେଖିବାକୁ ମିଳୁଛି। ସରକାରଙ୍କ ଯୋଜନା ଉପରେ ଯୋଜନା ରାସ୍ତା କଡରେ ଥିବା ହୋର୍ଡିଂ ଓ ବ୍ୟାନର ଭିତରେ ରହି କେନ୍ଦୁଝରବାସୀଙ୍କୁ ଉପହାସ କରୁଛି। ସ୍ଥାନୀୟ ରାଜନେତା, ପ୍ରଶାସନିକ ଅଧିକାରୀ, କମ୍ପାନୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ କାଗଜ, କଲମରେ ସମସ୍ତ ଯୋଜନା କାର୍ଯ୍ୟକାରୀ ହୋଇ ଫାଇଲ ଭିତରେ ବନ୍ଧା ହୋଇ ପଡି ରହୁଛି। ବିଭିନ୍ନ ସମୟରେ ବିଭିନ୍ନ ସମସ୍ୟାକୁ ନେଇ ସାଧାରଣ ଜନତା ସ୍ୱର ଉତୋଳନ କରୁଥିଲେ ହେଁ ସ୍ଥାନୀୟ ଲୋକ ପ୍ରତିନିଧି ମାନେ ନିଜ ପଦବୀର ଅପ ବ୍ୟବହାର କରି ଖଣି ଓ କାରଖାନା ମାଲିକ ଏବଂ ଠିକାଦାର ମାନଙ୍କ ସହିତ ସାଲିସ କରି ସ୍ଥାନୀୟ ସ୍ୱର ଉତୋଳନକାରୀ ଲୋକଙ୍କ କଣ୍ଠରୋଧ କରିବାକୁ ସବୁବେଳେ ପ୍ରୟାସ କରାଯାଇଥିବା ଦେଖା ଯାଇଛି। ଯାହାକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ମଧ୍ୟ ସରକାରୀ କଳ ସ୍ଥାଣୁ ପାଲଟିଛି। ଏବେ କେନ୍ଦୁଝର ଜିଲ୍ଲାର ପଳାସପଙ୍ଗା - ବାମେବାରୀ ରାସ୍ତା ଅବସ୍ଥା ନ କହିବା ଭଲ।କେନ୍ଦୁଝର ଜିଲ୍ଲାର ପଳାସପଙ୍ଗା ଠାରୁ ବାମେବାରୀ ପର୍ଯ୍ୟନ୍ତ ଯାଇଥିବା ଏହି ରାସ୍ତାର ଦୁଇପାର୍ଶ୍ୱରେ ଅନେକ ଖଣି ଓ କାରଖାନା ରହିଥିବାରୁ ଏହି ରାସ୍ତାରେ ପ୍ରତିଦିନ ଖଣିଜ ସାମଗ୍ରୀ ପରିବହନ କରିବା ପାଇଁ ହଜାର ହଜାର ସଂଖ୍ୟାରେ ବଡ଼ ବଡ଼ ଟ୍ରକ ଓ ଟ୍ରଲର ଯିବା ଆସିବା କରୁଥିଲେ ମଧ୍ୟ ଏହି ରାସ୍ତାର ମରାମତି କରାଯାଉ ନ ଥିବାରୁ ଏହା ଏବେ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି । ଲୋକଙ୍କ ଅସୁବିଧାକୁ ଭ୍ରୁକ୍ଷେପ ନ କରି ଏହି ଅଂଚଳର ଖଣି ଓ କାରଖାନା କମ୍ପାନୀ ଗୁଡିକ ଅଧିକରୁ ଅଧିକ ଭାରୀଯାନରେ କଂଚା ମାଲ୍ ପରିବହନ ଜାରି ରଖିଛନ୍ତି । ଯାହା ପାଇଁ କାଳିମାଟି ଅଂଚଳରେ ବାରମ୍ବାର ଅଭିଯୋଗର ସ୍ୱର ଉଠିଛି । କିନ୍ତୁ, କମ୍ପାନୀ ମାନଙ୍କ ଠାରୁ ମୋଟା ଅଙ୍କର ବଟି ଆଦାୟ କରୁଥିବା କିଛି ସ୍ୱାର୍ଥନ୍ୟସ୍ତ ଲୋକ ପ୍ରତିନିଧି ଓ ସେମାନଙ୍କ ପାଳିତ ଗୁଣ୍ଡା ସାଧାରଣ ଜନତାଙ୍କ କଣ୍ଠରୋଧ କରି କମ୍ପାନୀ ଗୁଡିକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ହେଉଛି। ତେବେ ବାରମ୍ବାର ସ୍ଥାନୀୟ ଲୋକଙ୍କ ଆନ୍ଦୋଳନ ହେବା ଦ୍ୱାରା ଏହି ରାସ୍ତାକୁ ୪ ଥାକିଆ ରାସ୍ତା କରିବା ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ରାସ୍ତା ନିର୍ମାଣ ନିମନ୍ତେ ଏହାର ଦାୟିତ୍ୱ ରାସ୍ତା ଓ ଗୃହ ନିର୍ମାଣ ବିଭାଜନ ସଂସ୍ଥାକୁ ଦିଆଯାଇଥିଲା । ଟେଣ୍ଡର ପ୍ରକ୍ରିୟାରେ ନନ୍ଦ ଇନଫ୍ରା କନଷ୍ଟ୍ରକ୍ସନ ପ୍ରା.ଲିଃ. କୁ ଦିଆଯାଇଥିବା ବେଳେ ସମ୍ପୃକ୍ତ ଠିକା ସଂସ୍ଥା ଦ୍ୱାରା ରାସ୍ତା କଡରେ ଏକ ବଡ଼ ବୋର୍ଡ ମରାଯାଇଛି। ଯେଉଁଥିରେ ଖଣି ପ୍ରଭାବିତ ଅଂଚଳର ଏହି ରାସ୍ତା ପାଇଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ୪୯୮୨. ୫୬ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିବା ବେଳେ ଏହି ରାସ୍ତା କାମ ତା - ୦୧.୦୨.୨୦୨୩ ରୁ ଆରମ୍ଭ ହୋଇ ୩୧.୦୧.୨୦୨୫ ରେ ସାରିବା ନେଇ ଉଲ୍ଲେଖ ରହିଛି। ତେବେ ଏହି ବାମେବାରୀ ଠାରୁ ପଳାସପଙ୍ଗା ରାସ୍ତା ନିର୍ମାଣ ହେବ ବୋଲି ଚମ୍ପୁଆ ବିଧାୟିକା ଶ୍ରୀମତୀ ମିନାକ୍ଷୀ ମହାନ୍ତ ପୂଜାର୍ଚ୍ଚନା କରି ନଡ଼ିଆ ପିଟି ଫଳକ ସ୍ଥାପନ କରିଥିଲେ, କିନ୍ତୁ ଏହା ଭିତରେ ୮ ମାସ ବିତି ଗଲାଣି, ହେଲେ ଠିକା ସଂସ୍ଥା କାର୍ଯ୍ୟ ଆରମ୍ଭ କରୁ ନ ଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଅବା ଲୋକ ପ୍ରତିନିଧି କେହିବି ଏଥିପ୍ରତି ଦୃଷ୍ଟି ନଦେଇ ଚୁପ ହୋଇ ବସିଯିବା ଲୋକଙ୍କ ମନର ସନ୍ଦେହକୁ ଦ୍ୱିଗୁଣିତ କରୁଛି। ଫଳକ ଫଳକ ସ୍ଥାନରେ ସୁରକ୍ଷିତ ଥିବାବେଳେ ରାସ୍ତା ନିର୍ମାଣ କାର୍ଯ୍ୟର ଅଗ୍ରଗତି ଶୂନ ଥିଲେ ବି ଠିକାସଂସ୍ଥା ଉପରେ ବିଭାଗିୟ ଅଧିକାରୀଙ୍କ ଅହେତୁକ ଅନୁକମ୍ପା ଅଧିକାରୀ ଓ ଠିକାଦାରଙ୍କ ମଧୁ ଚନ୍ଦ୍ରିକାକୁ ପଦାରେ ପକାଇଛି। ତେବେ ପ୍ରକୃତରେ ଏହି ୪ ଥାକିଆ ରାସ୍ତା ନିର୍ମାଣ ହେବ ନା କେବଳ ରାସ୍ତା କଡରେ ଥିବା ବୋର୍ଡ ଭିତରେ ସୀମିତ ରହିଯିବ ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।ଏବେ ଏହି ରାସ୍ତାର ଅବସ୍ଥା ଏମିତି ହୋଇଛି ଯେ, ସ୍କୁଲ ବସ ମଧ୍ୟ ଯା ଆସ କରିବା କଷ୍ଟକର, ଫଳରେ ସ୍କୁଲ ଛାତ୍ର, ଛାତ୍ରୀ ଠିକ୍ ସମୟରେ ବିଦ୍ୟାଳୟରେ ପହଂଚି ନ ପାରିବାରୁ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି । ପାସେଞ୍ଜର ବସ ଓ ଆମ୍ବୁଲାନ୍ସ ଯିବା ଆସିବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ପାଇଁ ସ୍ଥାନୀୟ ବାସିନ୍ଦା ବାରମ୍ବାର ପ୍ରଶାଶନର ଦ୍ୱାରସ୍ଥ ହେବାପରେ ରାସ୍ତା ମଞ୍ଜୁର ହୋଇଥିଲା, ଯାହା ପାଇଁ ବର୍ଷା ଦିନେ କାଦୁଅ ଓ ଅନ୍ୟ ଦିନେ ଧୂଳି ଧୂଆଁ ରେ ଅତିଷ୍ଠ ହୋଇ କଣ୍ଡରାପଶି ଠାରେ କିଛି ମାସ ତଳେ ଅଂଚଳବାସୀ ରାସ୍ତା ଅବରୋଧ କରିଥିଲେ। ପ୍ରଶାସନର ପ୍ରତିଶୃତି ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା, କିନ୍ତୁ ଅବସ୍ଥା ଯଥା ପୂର୍ବଂ ତଥା ପରଂ। ପୂନର୍ବାର ଚଳିତ ମାସ କଣ୍ଡରାପଶିର ଗ୍ରାମବାସୀ ରାସ୍ତାର କଦର୍ଯ୍ୟ ଅବସ୍ଥାକୁ ନେଇ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିବା ସହ ଆନ୍ଦୋଳନର ଚେତାବନୀ ଦେଇଥିବା ଜଣାପଡିଛି। ତେବେ ଏହି ଅଂଚଳରୁ କୋଟି କୋଟି ଟଙ୍କାର ରାଜସ୍ୱ ରାଜକୋଷକୁ ଯାଉଥିବା ବେଳେ ଏହି ରାସ୍ତା ଏବେ ଲୋକଙ୍କ ପାଇଁ ପାଲଟିଛି ମରଣଯନ୍ତା। ବିଶେଷ କରି ବଡ କାଳିମାଟି, ବଳଦା, ପଳଶା, ବାମେବାରୀ ପ୍ରମୁଖ ଅଂଚଳ ବାସୀଙ୍କ ପାଇଁ ଏହି ରାସ୍ତା ପାଲଟିଛି ଅଭିଶାପ । ତେଣୁ ବିଭାଗୀୟ ଅଧିକାରୀ ତୁରନ୍ତ ଏହି ରାସ୍ତା ନିର୍ମାଣ ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।

## ନିଜକୁ ଗୁଳି କରି ୨୦୨ କୋବ୍ରା ଯବାନଙ୍କର ଆତ୍ମହତ୍ୟା



ସୁନାବେଡ଼ା:(ପି ଏ ନ) କୋରାପୁଟ ଜିଲ୍ଲା ସୁନାବେଡ଼ା ଥାନା ଅନ୍ତର୍ଗତ ରାଜପୁଟ ଠାରେ ଥିବା ୨୦୨ କୋବ୍ରା କ୍ୟାମ୍ପ ରେ ଜଣେ ଯବାନ ନିଜ ଥୋଡ଼ି ତଳ ଅଞ୍ଚଳରେ ନିଜର ସର୍ଭିସ କରୁଥିବା ସମୟରେ ଏକେ ୪୭ ରାଇଫଲରେ ନିଜକୁ ଗୁଳି କରି ଆତ୍ମହତ୍ୟା କରିଥିବା ଜଣା ପଡିଛି। ମୃତ ଯବାନ ଜଣକ ହେଲେ ସେର ଦିଲୀପ ।ସେ ଗୁଜୁରାଟ ର ଦ୍ୱାରକା ଜିଲ୍ଲା ଜରେରା ଗ୍ରାମ ର ବାସିନ୍ଦା ବୋଲି ଜଣା ପଡିଛି। ପ୍ରାତଃ କାଳ ୩.୪୦ ମି.ରେ ଗେଟ ନଂ ୨ ରେ ପହରା ଦେଉଥିବା ସମୟରେ ସେ ଆତ୍ମ ହତ୍ୟା କରିଥିବା ସନ୍ଦେହ କରାଯାଉଛି । ସକାଳେ କିଛି ଯବାନ ଦିଲୀପଙ୍କ ଶରୀର ରକ୍ତରେ ଜୁଡୁବୁଡୁ ହୋଇ ପଡିଥିବା ଦେଖି ଅନ୍ୟ ସାଥି ଯବାନ ମାନଙ୍କୁ ଜଣାଇଥିଲେ। ଖବର ପାଇ ସୁନାବେଡା ପୋଲିସ କୋବ୍ରା କ୍ୟାମ୍ପ ରେ ପହଞ୍ଚି ମୃତଦେହ ଜବତ କରି କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ୍ କଲେଜରେ ଶବ ବ୍ୟବଛେଦ ପାଇଁ ପଠାଇଛନ୍ତି। ସୁନାବେଡ଼ା ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇ କହିଛନ୍ତି । ବର୍ତ୍ତମାନ ଯାଏଁ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି, ତଦନ୍ତ ଜାରି ରହିଛି । ଏହି ବାବଦରେ ଥାନାରେ ୟୁଡି/ ୨୪/ ୨୩ କେସ ରୁଜୁ ହୋଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।










## ଟି ଟାଇମ୍

# ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

# ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ



ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଶଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।

ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିସ୍ପର୍ଶ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିସ୍ପର୍ଶ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ସବୁଠାରୁ ଛୋଟିଆ ଗାଁ



ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ 'ଜଙ୍ଗଲ୍ସ ଇନ୍ ପ୍ୟାରିସ'୍ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

# 'ବବି ଜାସୁସ୍'ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ 'ବବି ଜାସୁସ୍'। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

# ଆସିୟୁରେ ହେଲା ବିବାହ



ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ସେପ୍ଟେମ୍ବର ୨୯

# ଚାନ୍ଦା ଜୁଲମ ଓ ପୂଜା ସହାୟତା : ଏକ ଆଲୋଚନା



ମହେଶ୍ୱର ରାଓ

ଏବେ ପୂଜାର ମାହୋଲ ଆରମ୍ଭ ହୋଇଗଲାଣି । ଭାରତ ବର୍ଷରେ ଓଡ଼ିଶାରେ ପୂଜାକୁ ନେଇ ବର୍ଷ ତମାମ ଗହଳି ଲାଗି ରହିଥିବା ସମୟରେ ବିଶେଷକରି ଗଣେଶ ପୂଜାରୁ ଆରମ୍ଭ ହୋଇଥାଏ ପୂଜାର ଏକ ରକମ ମାହୋଲ । ଗଣେଶ ପୂଜା, ଖୁଦୁରୁକୁଣୀ ଓଷା, ଦଶହରା ପୂଜା, ଲକ୍ଷ୍ମୀପୂଜା, କାଳୀପୂଜା ପଛକୁ ପଛ ବାଲିଯାତ୍ରା ଏକାବେଳକେ ନୂଆବର୍ଷ ପର୍ଯ୍ୟନ୍ତ ପୂଜା ବଜାର ସରଗରମ ହୋଇଥାଏ। ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ସତେ ଯେମିତି ପୂଜା ଲାଗି ଅଘୋଷିତ ପ୍ରତିଯୋଗିତା ଚାଲିଛି। ସୁଉଚ୍ଚ ତୋରଣ ସାଙ୍ଗକୁ ମା'ଜଗଜ୍ଜନନୀଙ୍କ ମୃଣ୍ମୟ ମୂର୍ତ୍ତି, ବିଦ୍ୟୁତ ସାଜସଜ୍ଜା, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭୃତିର ଏକ ପ୍ରକାର ପ୍ରତିଯୋଗିତା ଲାଗି ପ୍ରସ୍ତୁତ ଚାଲିଛି। ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ହୋଇଛି। ଏହି ଅର୍ଥ ସଂଗ୍ରହ ଲାଗି ଅନେକ ପୂଜା କମିଟି, ସମିତି ପକ୍ଷରୁ ଜୋରଜୁଲମ ଭାବେ ଚାନ୍ଦା ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ଚାନ୍ଦା ଜୁଲମରେ ଲୋକେ ଅତିଷ୍ଠ ହେଲେଣି। ହେଲେ ପୂଜା କମିଟି ବା ସମିତି ଭୟରେ ମୁହଁ ଖୋଲୁନାହାନ୍ତି। ଏପଟେ ପୋଲିସକୁ ଅଭିଯୋଗ କଲେ ଉତ୍ତମ ମିଳୁଛି, ତଥ୍ୟ ପ୍ରମାଣ ସହିତ ଅଭିଯୋଗ କର, ଆମେ ବାନ୍ଧିବୁ, ଖାଲି ଭୁବନେଶ୍ୱର ନୁହେଁ, ସହରାଞ୍ଚଳରେ ଏହି ଚାନ୍ଦା ଜୁଲମ ବଢ଼ିଛି। ପୋଲିସ ପ୍ରଶାସନ କେବଳ ଚାନ୍ଦା ଜୁଲମ ଶିକାର ହେଲେ ଯୋଗାଯୋଗ ପାଇଁ ପୋଲିସର ମୋବାଇଲ ନମ୍ବରଟି ଦେଇ ଦେଇ ହାତ ଝାଡ଼ି ବସି ପଡ଼ିଛି। ସ୍ଥାୟୀ ବାସିନ୍ଦାଙ୍କ ଅପେକ୍ଷା ସହରରେ ଭଡ଼ା ନେଇ ରହୁଥିବା ପରିବାର ଓ କ୍ଷୁଦ୍ର ବ୍ୟବସାୟୀଙ୍କ ଉପରେ ଅଧିକ ଜୁଲମ ହେଉଥିବା ଅଭିଯୋଗ ହେଉଛି। ସବୁଠି ଏହି ଅଭିଯୋଗ ରହିନଥାଏ କାରଣ କେତେକ ସ୍ଥାନରେ ଭାଇଚାରା ସମ୍ପର୍କକୁ ନେଇ ପୂଜା ସହାୟତା ପ୍ରଦାନ କରାଯାଇଥାଏ। କିନ୍ତୁ ସବୁଠି ଏହା ସମ୍ଭବ ହୋଇନଥାଏ।

ଦୁଇବର୍ଷ କରୋନା ଯୋଗୁଁ ସମସ୍ତଙ୍କର ଆର୍ଥିକ ଅବସ୍ଥା ଦୁର୍ବଳ ହୋଇଯାଇଛି। କ୍ଷୁଦ୍ର ବ୍ୟବସାୟୀ ହୁଅନ୍ତୁ ବା ବଡ଼ ବ୍ୟବସାୟୀ ବି କ୍ଷତି ସହିଛନ୍ତି। ଏପଟେ ଟିକିଏ ଅଣ୍ଟା ସଳଖିଲା ବେଳକୁ ଦରଦାମ ବୃଦ୍ଧି କାରଣରୁ ଭଲ ବ୍ୟବସାୟ ହେଉ ନଥିବାବେଳେ ସାଧାରଣ ଲୋକେ ବି ଅତିଷ୍ଠ ହେଲେଣି। ଏହି ସମୟରେ ଆଡ଼ମ୍ବରପୂର୍ଣ୍ଣ ପୂଜା କରାଯିବା ଯୋଗୁଁ ଲୋକଙ୍କ ଉପରେ ଚାନ୍ଦା ଜୁଲମ ହେଉଛି ବୋଲି ଅନେକ ଅଭିଯୋଗ କରିଛନ୍ତି। କମିଶନରେଟ ପୋଲିସ ଚାନ୍ଦା ବନ୍ଦ ପାଇଁ ବହୁ ପୂର୍ବରୁ କହିଥିଲେ ମଧ୍ୟ ଏହାକୁ ଅନେକ ପୂଜା କମିଟି ପାଳନ କରୁନାହାନ୍ତି। ଗରିବ ଲୋକଙ୍କ ଉପରେ ୫୦୦ରୁ ୧୦୦୦ ଏପରିକି କେତେକ କ୍ଷୁଦ୍ର ବ୍ୟବସାୟୀଙ୍କ ଉପରେ ୫ରୁ ୧୦ ହଜାର ପର୍ଯ୍ୟନ୍ତ ଚାନ୍ଦା ଲାଗି ଜୁଲମ କରାଯାଉଥିବା ଅଭିଯୋଗ ହୋଇଛି। ଏହିଭଳି ଜୁଲମ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ହେଲେ କମିଶନରେଟ ପୋଲିସ ନୀରବଦ୍ରଷ୍ଟା ସାଜିଥିବାରୁ ଜୁଲମକାରୀଙ୍କ ଉତ୍ପାତ ବଢୁଥିବା ଅଭିଯୋଗ ହୋଇଛି। ପୋଲିସ ପକ୍ଷରୁ ଟ୍ୱିଟ କରି କୁହାଯାଇଛି ଯେ ଚାନ୍ଦା ବା ବଟି ଆଦାୟ ବେଆଇନ। ହେଲେ ପର୍ବପର୍ବାଣୀ ସମୟରେ କିଛି ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ଠାରୁ ଚାନ୍ଦା ଆଦାୟ କରାଯାଇଥାଏ। ଯଦି କୌଣସି ବ୍ୟକ୍ତି ବଟି ବା ଚାନ୍ଦା ନେବାକୁ ଧମକ ଦିଅନ୍ତି, ତେବେ ପୋଲିସ ସହ ଯୋଗାଯୋଗ କରିବାକୁ କୁହାଯାଇଛି ଓ ଚାନ୍ଦା ଜୁଲମକାରୀଙ୍କ ଉପରେ ସ୍ୱତନ୍ତ୍ର ଟିମ ନଜର ରଖିଥିବା ପୋଲିସ କହୁଛି। ହେଲେ ଲୋକେ ଚାନ୍ଦା ଜୁଲମର ଶିକାର ହେଉଛନ୍ତି ପଛେ ଭୟରେ ଅଭିଯୋଗ କରୁନାହାନ୍ତି। ଏଥିପ୍ରତି ପୋଲିସ ନଜର ଦେବାକୁ ସାଧାରଣରେ ଦାବି ହେଉଛି। ପୂଜା ଏକ ସମ୍ମିଳିତ କାର୍ଯ୍ୟକ୍ରମ। ଭାଇଚାରା, ବନ୍ଧୁତ୍ୱ ଓ ବର୍ଷରେ ଏକ ସମୟରେ ଆଧ୍ୟାତ୍ମିକ ଭାବଧାରାକୁ ନେଇ ସମସ୍ତେ ଏକ କାଳୀନ ଏକ ଧର୍ମୀୟ ସେବା କାର୍ଯ୍ୟ କରିବା ହେଉଛି ପୂଜା ପାର୍ବଣର ଅସଲ ତାତ୍ପର୍ଯ୍ୟ ଏହାକୁ ମନେ ରଖିବା ଉଚିତ ଏବଂ ଜଣେ ନିଜ ଆର୍ଥିକ କ୍ଷମତାକୁ ଦେଖି ଏଥିରେ ସହଯୋଗର ହାତ ବଢ଼ାଇବା ଉଚିତ। ଏହାକୁ ନେଇ କୌଣସି ବାଦାନୁବାଦ ବା ଜୋରଜୁଲମ ରହିବା ଆଦୌ ଠିକ ନୁହେଁ। ସେହିପରି ପୂଜା ସମୟରେ ସଂଗୃହୀତ ଅର୍ଥରୁ କିଛି ସେବା କାର୍ଯ୍ୟ ପାଇଁ ଖର୍ଚ୍ଚ କରିବା ଏକ ଶ୍ରେଷ୍ଠ ସେବା ବା ଶ୍ରେଷ୍ଠ ପୂଜା ଭାବେ ଗ୍ରହଣୀୟ ହୋଇପାରନ୍ତା। ତେଣୁ ଏ କ୍ଷେତ୍ରରେ ଆମ ସମସ୍ତଙ୍କର ଦାୟିତ୍ୱବୋଧ ରହିଛି ଆସନ୍ତୁ ସମସ୍ତ ପୂଜା କାର୍ଯ୍ୟକ୍ରମକୁ ସେବାସାଧ ମତେ ପୂରଣ କରି ଅସଲ ପୂଜାର ଆନନ୍ଦ ନେଇପାରିବା ଏବଂ ଏଥିରେ ସମସ୍ତଙ୍କ ସୁମଙ୍ଗଳ ପାଇଁ ପ୍ରାର୍ଥନା କରିବା।

*ଚୌଡ଼େଶ୍ୱର ମନ୍ଦିର ପାଖ,*
*ଓଡ଼ିଆ ବଜାର, କଟକ,*
*ଦୂରଭାଷ : ୯୦୪୦୨୨୮୪୯୧*

# ସତ୍ୟଯୁଗରୁ ପାଳିତ ହେଉଛି ଭୌମୀ ଏକାଦଶୀ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ମାଘମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ଭୌମୀ ଏକାଦଶୀ ପଡ଼ିଥାଏ। ଏହି ବ୍ରତର ଅନ୍ୟନାମ ହେଉଛି ଜୟା ଏକାଦଶୀ। ଏହା ସତ୍ୟଯୁଗରୁ ଏହି ବ୍ରତ ପାଳନ ହୋଇ ଆସୁଅଛି । ପୁରାଣର କଥନିକା ଅନୁଯାୟୀ ବାସବ (ଇନ୍ଦ୍ର)ଙ୍କର ଅଭିଶାପ ପାଇ ମାଲ୍ୟବନ୍ତ ଓ ପୁଷ୍ପଦନ୍ତୀ ପିଶାଚ ଓ ପିଶାଚିନୀ ହୋଇଥିଲେ । ସେମାନେ ଅଭିଶାପ ପାଇ ଏହାର ମୁକ୍ତି ନିମନ୍ତେ ଆହାର-ନିଦ୍ରା-ମୈଥୁନ ପରିତ୍ୟାଗ କରି ଭକ୍ତି ଓ ନିଷ୍ଠାର ସହିତ ଶ୍ରୀବିଷ୍ଣୁଙ୍କୁ ଧ୍ୟାନ କଲେ । ସେଦିନ ଥିଲା ମାଘମାସ ଶୁକ୍ଳପକ୍ଷ ଏକାଦଶୀ ତିଥି । ଅନ୍ତର୍ଯ୍ୟାମୀ ନାରାୟଣ ଶ୍ରୀବିଷ୍ଣୁ ଆବିର୍ଭୂତ ହୋଇ ଆଶୀର୍ବାଦ କଲେ ଏବଂ ଅଭିଶାପରୁ ମୁକ୍ତି ହେଲ ବୋଲି କହିଲେ । ଏହାଶୁଣି ପିଶାଚ ପିଶାଚୁଣୀ କୃତକୃତ୍ୟ ହେଲେ । ଶେଷରେ ଏହି ବ୍ରତ ପାଳନ କରି ମୁକ୍ତ ହୋଇଥିଲେ ଓ ଦେହାନ୍ତେ ସ୍ୱର୍ଗବାସୀ ହୋଇଥିଲେ । ସେହିଦିନଠାରୁ ଏହି ବ୍ରତ ସମଗ୍ର ସଂସାରରେ ପାଳିତ ହୋଇଆସୁଅଛି । ନିଷ୍ଠା ଓ ଭକ୍ତିର ସହ ଉପବାସ ରହି ପାଳନ କରିବା ହେଉଛି ଏହି ବ୍ରତର ମୁଖ୍ୟ ବିଧି ଓ ବିଧାନ । ଏହି ବ୍ରତ ପାଇଁ କିଛି ଆଧ୍ୟାତ୍ମିକ ତତ୍ତ୍ୱ ଅନୁଯାୟୀ ନିୟମ ରହିଛି। ବିପ୍ର ହତ୍ୟା ଆଦି ମହାପାପରୁ ମୁକ୍ତି ମିଳେ । ସକଳ କାର୍ଯ୍ୟରେ ମଙ୍ଗଳ ତଥା ବିଜୟ ହୁଏ । ଓଡ଼ିଶାର ଆଧ୍ୟାତ୍ମିକ ଓ ଦେବ ପାଳନର ବିଶ୍ୱାସ ଅନୁଯାୟୀ ଏହା ଅନ୍ୟତମ ଶ୍ରେଷ୍ଠ ଏକାଦଶୀ। ଗାଁ ଗଣ୍ଡାରେ ଥିବା ଭାଗବତ ଗାଦି ଓ ଜଗନ୍ନାଥ ମନ୍ଦିରରେ ହରିପାଠ ସହ ଅନ୍ନଦାନ ସେବା ହୋଇଥାଏ। ସନ୍ଧ୍ୟାରେ ଅଷ୍ଟପ୍ରହରୀ ନାମଯଜ୍ଞ ଆୟୋଜିତ ହୋଇଥାଏ। ଏହି ଦିନ ପୁରୀସ୍ଥିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ରହିଥାଏ। ଭକ୍ତି, ନିଷ୍ଠାର ସହ ଏହି ଏକାଦଶୀ ପାଳନ କଲେ ଅନେକ ପୂଣ୍ୟଫଳ ପ୍ରାପ୍ତି ହେବା ସହ ସକଳ ଦୋଷାଦୋଷ ଖଣ୍ଡନ ହୋଇଥାଏ ବୋଲି ବିଶ୍ୱାସ ରହିଛି।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩

# ପର୍ବ ପର୍ବାଣୀ



ଇଂ. ସଚ୍ଚିଦାନନ୍ଦ ନନ୍ଦ

ବର୍ଷ ଭିତରେ ଅନେକ ପବିତ୍ର ଦିବସ ପଡ଼େ ଏବଂ ଜନସାଧାରଣ ତାହାକୁ ଅତି ଆଗ୍ରହ ଓ ଆନନ୍ଦ ମନରେ ପାଳନ କରିଥାନ୍ତି । କେତେକ ପର୍ବ କେତେକ କିମ୍ବଦନ୍ତୀ ଉପରେ ଆଧାରିତ । ଆଉ କେତେକ ଭଗବାନଙ୍କ ନିର୍ଦ୍ଦେଶାନୁସାରେ ପାଳିତ ହୁଏ । କେତେକ ଦିନିକିଆ ହୋଇଥିବାବେଳେ କେତେକ ବହୁ ଦିବସ ବ୍ୟାପି ପାଳନ କରାଯାଏ । ଆମେ କଳିଯୁଗର ଲୋକେ, ପୂର୍ବ ତିନି ଯୁଗର ଘଟଣା ଉପରେ ଆଧାରିତ ପର୍ବ ପାଳନ କରିଥାଉ । ପ୍ରତ୍ୟେକ ପର୍ବରେ କେତେକ ମହାପୁରୁଷ, ଭକ୍ତ ବା ଆଶ୍ରିତଙ୍କ ସହ ଭଗବାନଙ୍କର ଏକ ଏକ ନାମ, ରୂପର ସମ୍ପୃକ୍ତି ଥିବା ଦେଖାଯାଏ । ଏଗୁଡ଼ିକ ସେ ସମୟର ଏତେ ପ୍ରଭାବଶାଳୀ ଘଟଣା ଯେ ତାହାକୁ ପାଳନ କଲେ ଏ ସମୟର ଲୋକେ ମଧ୍ୟ ଏକ ପ୍ରକାର ମାନସିକ, ନୈତିକ ଓ ଆଧ୍ୟାତ୍ମିକ ସବଳତା ଅନୁଭବ କରନ୍ତି ଏବଂ ଭଗବାନଙ୍କ କୃପା ଲାଭର ଅନୁଭୂତି ଲାଭ କରିଥାନ୍ତି । ପର୍ବ ପାଳନ ସହ ସମ୍ପୃକ୍ତ ଅବତାରଙ୍କ ମହିମା ଗାନ, ତାଙ୍କ ପାଖେ ମଥା ନତ କରିବା, ତାଙ୍କ ଚମତ୍କାରୀ ଗୁଣ ସହ ଲୀଳା କୀର୍ତ୍ତନ ମଧ୍ୟ କରାଯାଇଥାଏ ।ସବୁଠାରୁ ବଡ଼ ଉପକାର ହେଉଛି, ଈଶ୍ୱରଙ୍କ ଶକ୍ତିର ପ୍ରମାଣ । ଈଶ୍ୱରଙ୍କ ମାନବ ପ୍ରୀତିର ଦୃଷ୍ଟାନ୍ତ, ଈଶ୍ୱରଙ୍କ ସର୍ବଜ୍ଞତ୍ୱର ପରିଚୟ ମିଳିଥାଏ । ପର୍ବ ପାଳନ ଯେଉଁ ବିଷୟ ଓ ଘଟଣା ଉପରେ ଆଧାରିତ ସେ ଯେତେ ଯୁଗର ପୁରୁଣା ହେଲେ ମଧ୍ୟ ଆଜି ବି ଜନମାନସରେ ଅନୁସୃତ । ସେଥିରୁ ଭଗବାନଙ୍କର ସର୍ବମୟତା, ସର୍ବ ସ୍ୱୀକୃତତା ଓ ସର୍ବକାଳରେ ତାଙ୍କ ବିଦ୍ୟମାନତା ପ୍ରଭୃତି ସ୍ପଷ୍ଟ ହୋଇଯାଏ । ଏବେ ଦେଖାଯାଉଛି କେତେକ ଠାକୁର ଠାକୁରାଣୀ ନୂଆ କରି ପୂଜା ହେଉଛନ୍ତି, ନୂଆ ପ୍ରକାର ପୂଜା ପଦ୍ଧତି ଅନୁସୃତ ହେଉଛି । ତା' ଭିତରେ ଦୃଷ୍ଟିପାତ କଲେ ଦେଖାଯାଉଛି ଯେଉଁ ନାମ ଓ ରୂପ ମଣିଷକୁ ଭଲ ଲାଗିଲା ସେ ତା' ଦ୍ୱାରା ଉପକୃତ ହେଲା ଓ ତାହାକୁ ପୂଜା କରି କ୍ରମେ କ୍ରମେ ମନ୍ଦିର ତୋଳାଗଲା ଓ ବର୍ଷର ଗୋଟିଏ ନିର୍ଦ୍ଦିଷ୍ଟ ଦିନ ବା ସମୟରେ ସେହି ଠାକୁରଙ୍କୁ କେନ୍ଦ୍ର କରି ଉତ୍ସବ ପାଳିତ ହେଉଛି । ମୌଳିକ ବିଷୟ ହେଉଛି, ମଣିଷ ଜୀବନ ଦୁର୍ଦ୍ଦିନରେ ଆର୍ତ୍ତ ଅବସ୍ଥାରେ ଯେଉଁ ନାମ, ରୂପର ଆଶ୍ରୟ ନେଲା ଏବଂ ଆଶା କରୁଥିବା ଫଳ ପାଇଲା ସେହି ନାମ, ରୂପକୁ ବିଖ୍ୟାତ କରିଦେଲା, ଫଳରେ ଅଧିକ ସଂଖ୍ୟକ ଲୋକ ମଧ୍ୟ ବିପଦରୁ ଉଦ୍ଧାର ପାଇବାକୁ ଇଚ୍ଛା କରି ଫଳ ପାଇଲେ ଏବଂ ସେହି ନାମ ରୂପର ପ୍ରସିଦ୍ଧି ବଢ଼ିବାରେ ଲାଗିଲଣ । ତାଙ୍କ ଆଶ୍ରିତ ମାନଙ୍କ ସଂଖ୍ୟା ବଢ଼ିଲା ଓ ତାହାଙ୍କୁ କେନ୍ଦ୍ର କରି ପର୍ବ ପର୍ବାଣୀ ମାନ ଆରମ୍ଭ ହେଲା । ଏହାର ମୂଳ ସତ୍ୟ ହେଲା ନାମ ଓ ରୂପ ଯାହ ହେଉ ପଛେ ପ୍ରତ୍ୟେକ ଦେବ ଦେବୀଙ୍କର ଅଲୌକିକ ଶକ୍ତି ଅଛି – ତାହା ଉପରେ ବିଶ୍ୱାସ । ଆମ ଦେଶରେ ପୁରାଣ କାଳରୁ ବିଶ୍ୱାସ ରହିଆସିଛି ଯେ ଗାଁ ମୁଣ୍ଡ ଗଛ ମୂଳେ ସିନ୍ଦୁର ବୋଳା ଯାଇଥିବା ପଥରଟିରେ ମଧ୍ୟ ଦୈବୀ ଶକ୍ତି ଅଛି, ସେ ମଧ୍ୟ ପ୍ରାର୍ଥନା ଶୁଣିପାରେ ଏବଂ ବାଞ୍ଛିତ ଫଳ ଦେଇପାରେ । ଯେଉଁଥିପାଇଁ ଷାଠିଏ ବର୍ଷ ତଳେ ଗଛ ମୂଳେ ଖରା ବର୍ଷା ଖାଉଥିବା ପଥର ଖଣ୍ଡେ ବର୍ତ୍ତମାନ ମାର୍ବଲ ମନ୍ଦିରରେ ପୂଜା ପାଉଛି ଓ ତାଙ୍କୁ ନେଇ ଉତ୍ସବ ପାଳନ ହେଉଛି । ଏ କଥା କେବଳ ଓଡ଼ିଶାରେ ନୁହେଁ, ଭାରତର ଅନ୍ୟତ୍ର ଦେଖାଯାଉଛି । କେବଳ ହିନ୍ଦୁ ଧର୍ମରେ ନୁହେଁ ବିଭିନ୍ନ ଧର୍ମରେ, ବିଭିନ୍ନ ଦେଶରେ ଏହା ଦେଖିବାକୁ ମିଳିଥାଏ । ଏହା ବ୍ୟତୀତ କେତେକ ଆଧ୍ୟାତ୍ମବାଦୀ ସାଧୁ ବ୍ୟକ୍ତି ତାଙ୍କ ସମାଜସେବା ମାଧ୍ୟମରେ ଲୋକମାନଙ୍କ ଅନ୍ତରରେ ସ୍ଥାନ ଗ୍ରହଣ କରିଥାନ୍ତି ସେମାନଙ୍କ ମୃତ୍ୟୁପରେ ତାଙ୍କ ସମାଧି ବା ଗାଦିକୁ କେନ୍ଦ୍ର କରି କେତେକ ଉତ୍ସବ ଅନୁଷ୍ଠାନ ଗଢ଼ି ଉଠିଲାରି, ତାଙ୍କ ଜନ୍ମଦିନ ଓ ତିରୋଧାନ ଦିବସର ସ୍ମୃତିରେ ପର୍ବ ପର୍ବାଣୀ ପାଳନ କରାଗଲାଣି । ଏହା ଅନ୍ୟ ଧର୍ମ ଭିତରେ ବି ଦେଖାଦେଲାଣି । ବେଳେବେଳେ ଗୃହ ନିର୍ମାଣ, ପୋଖରୀ ଖୋଳା ବା କୃଷି କର୍ମ ବେଳେ ମାଟି ତଳୁ କିଛି ପଦାର୍ଥ ମିଳିଯାଉଛି ଓ ଧର୍ମ ଭାବାପନ୍ନ ଲୋକମାନେ ସେଗୁଡ଼ିକୁ ଏକ ଆସ୍ଥାନରେ ରଖି ପୂଜାର୍ଚ୍ଚନା କରିବା ଆରମ୍ଭ କରି ଦେଉଛନ୍ତି ଓ ସେଗୁଡ଼ିକର ଆବିର୍ଭାବ ଦିବସର ସ୍ମୃତିରେ ପର୍ବପର୍ବାଣୀ ଆରମ୍ଭ ହୋଇଯାଉଛି । ଏସବୁ ପ୍ରକାର ସ୍ମୃତିରେ ପାଳିତ ହେଉଥିବା ଉତ୍ସବରୁ ଜଣାଯାଉଛି ଯେ ମଣିଷର ଅନ୍ତରରେ ଯେଉଁ ଦିବ୍ୟ ଭାବ ଓ ଚେତନା ଅଛି ତାହା କେଉଁ ନା କେଉଁ ପ୍ରକାରରେ ପ୍ରକଟିତ ହେଉଛି ଏହି ପର୍ବ ପାଳନ ମାଧ୍ୟମରେ । ଖୁବ୍ ଭଲ ଲକ୍ଷଣ । ମଣିଷ, ବୃକ୍ଷ, ପ୍ରସ୍ତର ବା ଧାତୁ ନିର୍ମିତ ମୂର୍ତ୍ତି ଭିତରେ ଦୈବତ୍ୱ ଆରୋପ କରିପାରୁଛି । ଭଗବାନ ବାବା ଆମକୁ ଆଉ ଟିକିଏ ଊର୍ଦ୍ଧ୍ୱକୁ ଉଠାଇବା ପାଇଁ ନିର୍ଦ୍ଦେଶ ଦିଅନ୍ତି । 'ତୁମେ କାଠ, ପଥର ଭିତରେ ଦୈବତ୍ୱ ଥିବା ଉପଲବ୍ଧି କରିପାରୁଛ କିନ୍ତୁ ଜୀବନ ମଣିଷ ଭିତରେ ତାହା ଉପଲବ୍ଧି କରିପାରୁ ନାହିଁ । ତାହା ମଣିଷ ଠାରେ ସବୁଠାରୁ ବେଶୀ ମାତ୍ରାରେ ବିଦ୍ୟମାନ ।' ତାହା ସନ୍ଦର୍ଶନ କରିବା ମଣିଷର ସବୁଠାରୁ ବଡ଼ ସାଧନା ଏବଂ ଏଥିରେ ସଫଳ ହେବା ବ୍ୟକ୍ତି ମଧ୍ୟ ପୂଜାର ପାତ୍ର ହୋଇଯାଆନ୍ତି, ତାଙ୍କୁ କେନ୍ଦ୍ର କରି ପୁନଶ୍ଚ ପର୍ବ ପର୍ବାଣୀ ଆରମ୍ଭ ହୋଇଯାଏ । ମୁଖ୍ୟତଃ ପର୍ବ ପର୍ବାଣୀ ପାଳନ କରିବାର ସବୁଠାରୁ ବଡ଼ ଉଦ୍ଦେଶ୍ୟ ହେଉଛି, ଆମେ – ଭଗବାନଙ୍କୁ କେବେହେଲେ ଭୁଲି ନ ଯାଉଁ, ଭଗବାନଙ୍କ ଲୀଳା ମହିମାକୁ ସମ୍ମାନ ଜଣାଉଥାଉଁ, ସବୁକିଛି ଭିତରେ ଦୈବତ୍ୱକୁ ଚିହ୍ନିବାରେ ଚେଷ୍ଟା କରୁଥାଉଁ, ଭଗବାନଙ୍କ ଶକ୍ତି ସମସ୍ତଙ୍କ ପାଇଁ, ଏହା ବୁଝୁଥାଉଁ, ଦୁଷ୍ଟ ଶକ୍ତି ଯେତେ ପ୍ରବଳ ହେଲେ ବି ଦୈବୀଶକ୍ତି ପାଖରେ କାଳେ କାଳେ ତାହା ପରାସ୍ତ ହୁଏ, ଏହା ବିସ୍ମୃତ ନ ହେଉଁ, ଦୈବୀଶକ୍ତି ଯେ ଆମର ବଳ, ସାହସ ଓ ବଞ୍ଚିବାର ଏକମାତ୍ର ପାଥେୟ, ତାହା ଉପଲବ୍ଧି କରୁଁ । ଆମ ସମାଜରେ ଅନ୍ୟ ଏକ ପ୍ରକାର ଉତ୍ସବ ପାଳନ ହୋଇ ଆସୁଛି । ସେଥିରେ ପୂଜା ଏତେ ବଡ଼ ସ୍ଥାନ ପାଉ ନଥିଲେ ମଧ୍ୟ ଉପବାସ, ବ୍ରତ, ପିଠା, ପଣା ଇତ୍ୟାଦି ଘରେ ଘରେ କରାଯାଉଛି । ପିଲାମାନେ ନୂଆ ପୋଷାକ ପିନ୍ଧନ୍ତି, ଗୋଟିଏ ଗୋଟିଏ ପର୍ବକୁ କେନ୍ଦ୍ର କରି କେତେ ପ୍ରକାର ଖେଳକୁଦ, ଚିତା, ମୁରୁଜ ଓ ପାରମ୍ପରିକ ଗୀତ, ପାଲା, ଦାସକାଠିଆ ପ୍ରଭୃତି ମାଧ୍ୟମରେ ଆନନ୍ଦ ଅନୁଭବ କରିବା ଲକ୍ଷ କରାଯାଏ । ଏହା ମାଧ୍ୟମରେ ମାନବ ମାନବ ଭିତରେ ସଂପ୍ରୀତି ଓ ବଢୁଥିବା ଜଣାଯାଏ । ଏହା ସମାଜରେ କିଛି ପୌରାଣିକ ଶିକ୍ଷା ବିସ୍ତାର କରେ ମଧ୍ୟ ।ଭଗବାନଙ୍କ ଇଚ୍ଛା ପ୍ରତ୍ୟେକ ପର୍ବ ପର୍ବାଣୀ ଅନ୍ତରାଳରେ ଥିବା ତାତ୍ପର୍ଯ୍ୟ ଓ ଅନ୍ତରାର୍ଥ ବୁଝି ପାଳନ କଲେ, ବର୍ତ୍ତମାନ ସେଗୁଡ଼ିକ ଯେଉଁଭଳି ପାଳିତ ହେଉଛି ତାହାର ମହତ୍ତ୍ୱ ଆହୁରି ବଢ଼ିଯାଆନ୍ତା । ସମାଜ ଉପରେ ଏକ ଦୈବୀ ପ୍ରଭାବ ପଡ଼ନ୍ତା ଯାହା ପ୍ରକାରାନ୍ତରେ ଜନ ମାନସକୁ ଏକ ସୁସ୍ଥ, ସଭ୍ୟ ଓ ଧାର୍ମିକ ମାର୍ଗରେ ଆଗେଇ ନେଇ ଯାଆନ୍ତା ।

*ଅଲିଶା ବଜାର, କଟକ,*
*ଦୂରଭାଷ : ୯୩୩୭୨୪୨୯୫୫*

# ନିଃସଙ୍ଗତା : ନିଃଶେଷ ହୋଇଯାଏ ଭିତରୁ ଜିଇଁବାର ଇଚ୍ଛା....



ଜୟନ୍ତୀ ପଣ୍ଡା

ନିର୍ବାସିତର ବିଳାପ ଶୀର୍ଷକରେ ଭକ୍ତିକବି ମଧୁସୂଦନ ରାଓଙ୍କ ଚମତ୍କାର ଭାଷାନ୍ତରରେ ଅନୁଦିତ ଏହି ପ୍ରାଣସ୍ପର୍ଶୀ କବିତାର ପ୍ରଥମ ଦୁଇଟି ଧାଡ଼ି 'ଏଭଳି ଦେଖଇ ନେତ୍ର ଯାହା ଚଉଦିଗର / ସେ ସର୍ବର ଅଟଇ ମୁଁ ଅଧୀଶ୍ୱର' । ଆଖି ଚାରିପଟେ ଦିଶୁଥିବା ସବୁ କିଛିର ଅଧୀଶ୍ୱର ହୋଇ ସୁଦ୍ଧା ସ୍ଥଳ ଭାଗରୁ ବିଚ୍ଛିନ୍ନ ଗୋଟିଏ ଦୀପରେ ଓ ସମ୍ପର୍କୀୟମାନଙ୍କ ଠାରୁ ଦୂରରେ ରହିଥିବା ମଣିଷଟିଏ କିଭଳି ପ୍ରତି ମୁହୂର୍ତ୍ତରେ ଛଟପଟ ହୋଇଛି ତାହା ହିଁ ସେ କବିତାର ବିଷୟବସ୍ତୁ। ନିଃସଙ୍ଗତା ଏଭଳି ଏକ ତୀବ୍ର ଅନୁଭବ ଯାହା ମଣିଷକୁ ଧୀରେ ଧୀରେ କବଳିତ କରି ପ୍ରଥମେ ତା ଭିତରୁ ଜିଇଁବାର ଇଚ୍ଛା ଏବଂ ପରେ ତାର ପ୍ରାଣଶକ୍ତିକୁ ବିନଷ୍ଟ କରିଦିଏ। ନିକଟରେ ଯୁକ୍ତରାଷ୍ଟ୍ର ଆମେରିକାର ସର୍ଜନ ଜେନେରାଲ ଉପସ୍ଥାପନ କରିଥିବା ସ୍ୱାସ୍ଥ୍ୟ ରିପୋର୍ଟ ଅନୁସାରେ ସେହି ଦେଶ ନିଃସଙ୍ଗତାକୁ ଏକ ମହାବ୍ୟାଧି ଭାବରେ ଗ୍ରହଣ କରିଛି। ଦିନକୁ ଦଶଟି ସିଗାରେଟ ଟାଣୁଥିବା ଅଭ୍ୟାସ ମଣିଷର ପ୍ରତ୍ୟହ ଯେତିକି କ୍ଷତି କରେ ନିଃସଙ୍ଗତା ତାହାଠାରୁ ଅଧିକ କ୍ଷତି କରୁଥିବା ଦର୍ଶାଇ ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଅଛି ଯେ ନିଃସଙ୍ଗତା ଭୋଗୁଥିବା ମଣିଷମାନଙ୍କର ମୃତ୍ୟୁ ଆଶାଙ୍କା ସାଧାରଣ ମଣିଷର ମୃତ୍ୟୁ ଆଶଙ୍କା ଠାରୁ ଶତକଡ଼ା ତିରିଶ ଭାଗ ଅଧିକ। ଗତ ଚାରି ଦଶନ୍ଧିର ତଥ୍ୟାବଳୀର ଅନୁଶୀଳନରେ ପ୍ରସ୍ତୁତ ଏହି ରିପୋର୍ଟ କୋଭିଡ଼ ପୂର୍ବବର୍ତ୍ତୀ ସମୟକୁ ତାହାର ଅନୁଶୀଳନର କାଳଖଣ୍ଡ ଭାବେ ଗ୍ରହଣ କରିଥିଲା। ଏହାର ଅର୍ଥ କୋଭିଡ ପରବର୍ତ୍ତୀ ସମୟର ବ୍ୟକ୍ତି ବ୍ୟବହାର ପ୍ରସଙ୍ଗ ଅନୁଶୀଳନ କରାଗଲେ ତାହାର ଫଳାଫଳ ଆହୁରି ଅଧିକ ଉଦବେଗଜନକ ହୁଅନ୍ତା। ଏହି ରିପୋର୍ଟରେ ଦର୍ଶାଯାଇଅଛି ଯେ ଗତ ୬୦ ବର୍ଷ ଭିତରେ ଆମେରିକାରେ ଜଣିକିଆ ବା ଏକଲା ମଣିଷ ରହୁଥିବା ଘରର ସଂଖ୍ୟା ଦୁଇଗୁଣ ବଢ଼ିଯାଇଅଛି। ଏହି ଘର ଗୁଡ଼ିକରେ ରହୁଥିବା ସଙ୍ଗହୀନ ମଣିଷ ପ୍ରତ୍ୟେକ ଜଣେ ଜଣେ ଆତ୍ମନିର୍ବାସିତ ବ୍ୟକ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ଯାହାଙ୍କ ପାଖରେ ଭାବ ଆଦାନପ୍ରଦାନ ପାଇଁ କୌଣସି ରକ୍ତମାଂସଧାରୀ ମଣିଷ ଉପସ୍ଥିତ ନାହାନ୍ତି। ଆମେରିକା ସରକାରଙ୍କର ଏହି ରିପୋର୍ଟ ଅନୁସାରେ ନିଃସଙ୍ଗତା ଉଦବେଗ, ଉଦାସୀନତା, ବିଷାଦ, ବିସ୍ମୃତି ଏବଂ ହୃଦଘାତ ପରି ସମସ୍ୟା ସୃଷ୍ଟି କରିଥାଏ। ଯାହାଯୋଗୁଁ ବ୍ୟାଧିଗ୍ରସ୍ତ ମଣିଷ ମୃତ୍ୟୁମୁଖରେ ପଡ଼ିଥାଏ। ମୂର୍ତ୍ତିଙ୍କର ଏହି ରିପୋର୍ଟକୁ ଆମେରିକା ଅଧିକ ଗୁରୁତ୍ୱ ଦେବାର ଅନ୍ୟତମ କାରଣ ହେଉଛି ଏଥିପାଇଁ ତାଙ୍କର ବିଶେଷଜ୍ଞ ଦଳ ସମାଜବିଜ୍ଞାନ, ମନସ୍ତତ୍ୱ, ରାଜନୀତି, ଅର୍ଥନୀତି ଓ ସାଧାରଣ ସ୍ୱାସ୍ଥ୍ୟ ପ୍ରଭୃତି ବିଭିନ୍ନ ବିଭାଗର ପ୍ରତିନିଧିଙ୍କୁ ନେଇ ଗଠିତ ହୋଇଥିଲା ଯାହା ନିଃସଙ୍ଗତା ଭୋଗୁଥିବା ନାଗରିକମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ବନ୍ଧରେ ଜାଣିବା ପାଇଁ ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଥିଲା। ଏହି ସର୍ଭେ ରିପୋର୍ଟର ଆଧାରରେ ସର୍ଜନ ଜେନେରାଲ ଆମେରିକା ସରକାରଙ୍କୁ ତୁରନ୍ତ ସେହିସବୁ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଛନ୍ତି ଯାହା ପୂର୍ବରୁ ଡ୍ରଗସ ତମାଖୁ, ମୋଟାପଣ ପରି ବ୍ୟାଧିର ନିରାକରଣ ପାଇଁ ନିଆଯାଇଛି। ଅନ୍ୟଥା ଏହି ନିଃସଙ୍ଗତା ରୂପକ ବ୍ୟାଧି ଏକ ଭୟଙ୍କର ସାମାଜିକ ବ୍ୟାଧିର ରୂପ ନେବ ବୋଲି ତାଙ୍କର ମତ। ଆମେରିକାର ସର୍ଜନ ଜେନେରାଲ ଯେଉଁ ରିପୋର୍ଟ ଦେଇଛନ୍ତି ତାହା ଯେ କେବଳ ସେହି ଦେଶ ପାଇଁ ପ୍ରଯୋଜ୍ୟ ବା ତାହାର ପରିଣତି ସେହି ଦେଶ ମଧ୍ୟରେ ସୀମିତ ସେକଥା କୁହଯାଇନପାରେ। କୋଭିଡ଼ ପରବର୍ତ୍ତୀ କାଳରେ ଆମ ଦେଶ ଭାରତରେ ଯାହା ଅଧିକ ଭାବେ ଦୃଶ୍ୟମାନ ବା ଅନୁଭୂତ ହେଉଛି ସେହି ନିଃସଙ୍ଗତା ବ୍ୟାଧିର ଉପସର୍ଗ ଅନେକ ଆଗରୁ ଦେଖିବାକୁ ମିଳିଥିଲା। ପରିବାର ଭିତରେ ସଂଗତିର ଅଭାବ, ବିବାହ, ବିଚ୍ଛେଦ, ଅର୍ଥନୈତିକ ବିଫଳତା ଓ ସାମାଜିକ ସୁବିଧା ସୁଯୋଗର ସଂକୋଚନ ନିଃସଙ୍ଗତାର କେତୋଟି କାରଣ ହୋଇଥିବା ବେଳେ ପ୍ରିୟଜନର ମୃତ୍ୟୁ, କ୍ୟାରିୟରରେ ଅସଫଳତା, ମାନସିକ ଅବସାଦ, ଶାରୀରିକ ଅସୁସ୍ଥତା ଏବଂ ଦୈନନ୍ଦିନ ଚାପ ସହ ଖାପ ଖୁଆଇନପାରିବା ଆଉ କେତୋଟି କାରଣ। କୋଭିଡ଼ ସମୟ ମଣିଷକୁ ରାଜପଥ ଉପରକୁ ଭିଡ଼ିଆଣି ଘର ଭିତରେ ବନ୍ଦୀ କରିଦେଲା। ମଣିଷ ତାହାର ଆବେଗ ପ୍ରକାଶ ପାଇଁ ଅଥବା ଆଗ୍ରହର ପରିପୂର୍ତ୍ତି ପାଇଁ ଉପଲବ୍ଧି ସୁଯୋଗର ଉପଯୋଗରୁ ବଞ୍ଚିତ ହେଲା। କାହା ସାଙ୍ଗେ ତାର ବ୍ୟକ୍ତିଗତ ଦେଖାଚାହାଁ ହେଲା ନାହିଁ କିମ୍ବା କାହାରି ଆଗରେ ନିଜର ମନୋଭାବ ସେ ପ୍ରକାଶ କରିପାରିଲା ନାହିଁ। ଯଦି ଲୋକମାନେ ବଜାର ଘାଟକୁ ନଯାଆନ୍ତି ବା ମାଆମାନେ ପିଲାମାନଙ୍କୁ ଖୋଲା ଖେଳ ପଡ଼ିଆରେ ଖେଳିବାକୁ ନ ଛାଡ଼ନ୍ତି ଅଥବା ଲୋକମାନେ ବର୍ଷର ଅଧିକାଂଶ ସମୟ ଘର ଭିତରେ ନଜର ବନ୍ଦୀ କରି ରଖନ୍ତି, ତାହାହେଲେ ତାହାର କି ଭୟଙ୍କର ପରିଣାମ ହେବ ସେକଥା ନିକଟରେ ନୋବେଲ ବିଜେତା ଅର୍ଥନୀତିଜ୍ଞ ଅଭିଜିତ ବାନାର୍ଜୀ ଏକ ପ୍ରବନ୍ଧରେ ଉଲ୍ଲେଖ କରି ସମସ୍ତଙ୍କ ସତର୍କ କରି ଦେଇଛନ୍ତି। ଗୋଟିଏ ପଟେ ସାମାଜିକ ସମ୍ବନ୍ଧ ଏହିପରି ହୁଗୁଳା ହୋଇ ଚାଲିଥିବା ବେଳେ ଅନ୍ୟପଟେ ଜୀବନକୁ ସହଜ କରିବା ପାଇଁ ଆବିଷ୍କୃତ ଯନ୍ତ୍ରପାତି ଓ କାରିଗରୀ କୌଶଳ ମଣିଷକୁ ଅଧିକ ଏକୁଟିଆ କରିଦେଉଅଛି। ଆଧୁନିକ ଉପଭୋକ୍ତାକୁ ଆଜି ତାର ଦୈନନ୍ଦିନ କାର୍ଯ୍ୟ ବା ଆବଶ୍ୟକତା ପୂରଣ ପାଇଁ ଯଥା ପରିବା କିମ୍ବା ସଉଦା କିଣିବା ଲାଗି ବା ବ୍ୟାଙ୍କରୁ ଟଙ୍କା ଉଠେଇବା ଲାଗି ଅଥବା ସାମାଜିକ ଉତ୍ସବାନୁଷ୍ଠାନରେ ଯୋଗ ଦେବା ଲାଗି ଆମନ୍ତ୍ରଣ କରିବା ପାଇଁ ଏପରିକି ବହି କିଣିବା ଲାଗି ସୁଦ୍ଧା ଦୋକାନକୁ ଯିବା ଲାଗି ପଡୁନାହିଁ। ଏହାଦ୍ୱାରା ତାହାର ଜୀବନଯାପନ ହୁଏତ ସହଜ ହୋଇପଡ଼ିଛି ମାତ୍ର ଏହି ସହଜିଆ ଜୀବନଯାପନ ପଦ୍ଧତି ତାକୁ ହାଟ ବଜାରର କୋଳାହଳ, ସଂପର୍କ, ସଂପ୍ରୀତି ଏବଂ ତାଜାପଣରୁ ପ୍ରତ୍ୟାହାର କରି ଆଣି ସୀମିତ ଓ ସଂକୀର୍ଣ୍ଣ ଘରକୋଣରେ ପକାଇ ଦେଇଅଛି। ଯେଉଁଭଳି ଭାବରେ ଆଜି ମଣିଷ ଯନ୍ତ୍ରପାତି ଉପରେ ନର୍ଭରଶୀଳ ହୋଇଚାଲିଛି ତହିଁରୁ ଆକଳନ କରିବା କଷ୍ଟ ନୁହେଁ ଯେ ଆର୍ଟିଫିସିଆଲ ଇଣ୍ଟେଲିଜେନସ ସର୍ବବ୍ୟାପୀ ହେବା ଆଗରୁ ମଣିଷ ନିଜେ ଯନ୍ତ୍ର ପାଲଟିଯାଇଥିବ। ଏହି ପରିପ୍ରେକ୍ଷୀରେ ସାମାଜିକ ଗଣମାଧ୍ୟମ ଓ ଡିଜିଟାଲ ପ୍ଲାଟଫର୍ମ ଗୁଡ଼ିକର ଭୂମିକା ମଧ୍ୟ ବିବାଦାସ୍ପଦ। ବିଶ୍ୱମୁଖୀ ଆଧୁନିକ ମଣିଷ ଯଦି କ୍ରମେ ପଛକୁ ଫେରି ଫେରି ଗୁମ୍ଫାରେ ରହୁଥିବା ପ୍ରାଗୈତିହାସିକ ପ୍ରାଣୀ ପାଲଟିଯାଏ ତାହାହେଲେ ଏଥିପାଇଁ କିଏ ଦାୟୀ ହେବ ? ପୁଣି ପ୍ରାଗୈତିହାସିକ ମଣିଷ ଗୁମ୍ଫାରେ ରହୁଥିବା ସତ୍ତ୍ୱେ ଖୁସି ଥିଲା, କାରଣ ତାହାର ମହାତ୍ତ୍ୱାକାଂକ୍ଷା କିମ୍ବା ଅଭିଳାଷ ଆକାଶଚୁମ୍ବୀ ନଥିଲା କିମ୍ବା ବିଫଳତାର ଅବସାଦ ତାକୁ ଆଜିପରି ବ୍ୟାଧିଗ୍ରସ୍ତ କରି ଦେଉନଥିଲା। ମାତ୍ର ଆଜିର ପରିସ୍ଥିତି ଅତ୍ୟନ୍ତ ଜଟିଳ। ଏହି ଲେଖିକା କିଛିଦିନ ତଳେ ତା ଜନ୍ମମାଟିକୁ ଯିବାର ସୁଯୋଗ ପାଇଥିଲା। ନନା ଓ ସପରିବାର ଅନ୍ୟ ଆତ୍ମୀୟମାନଙ୍କୁ ଦେଖିବା ପରେ ଖୁସିରେ ବିଭୋର ହୋଇଯାଇଥିଲା। କିଛି ଦିନର ଗ୍ରାମ୍ୟ ଜୀବନ ଭିତରେ ସେ ଅଙ୍ଗେନିଭାଇ ଥିବା କିଛି ପରିଣତ ବୟସର ବନ୍ଧୁବର୍ଗ ଓ ଚିହ୍ନା ପରିଜନଙ୍କ ଭିତରେ ଦୂରତ୍ୱର ମାର୍ମିକ ଅନୁଭବକୁ ବେଶ କାରୁଣ୍ୟ ଭାବରେ କିଛି ସମୟକୁ ମୁହୂର୍ତ୍ତ କରିଥିଲା। ନିଃସଙ୍ଗତା କେବଳ ପ୍ରାପ୍ତବୟସ୍କ ମଣିଷର କ୍ଷତିସାଧନ କରେ କିମ୍ବା ତାହାକୁ ରୋଗଗ୍ରସ୍ତ କରି ପକାଏ ତାହା ନୁହେଁ, ଏହା ସାନ ପିଲାମାନଙ୍କ ମଧ୍ୟରେ ନାକାରାତ୍ମକ ପ୍ରତିକ୍ରିୟା ପକାଇଥାଏ। ଗୋଟିକିଆ ପିଲା ଥିବା ପରିବାରର ଅଭିଭାବକମାନେ ତାଙ୍କର ସନ୍ତାନଟି ବିଦ୍ୟାଳୟରେ ବନ୍ଧୁତା ସୃଷ୍ଟି କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ସମସ୍ୟା ଅବଶ୍ୟ ଲକ୍ଷ୍ୟ କରିଥିବେ। ବାର୍ଦ୍ଧକ୍ୟରେ ନିଃସଙ୍ଗତାକୁ ତ ଆମ ସମାଜ କେଉଁଦିନୁ ଅନିବାର୍ଯ୍ୟ ବୋଲି ଗ୍ରହଣ କରିସାରିଛି। ପରିବାରର ଭିଡ଼ ଭିତରେ ରହୁଥିବା ବୁଢ଼ାବୁଢ଼ୀମାନଙ୍କ ପାଖକୁ ସେମାନଙ୍କର ସମର୍ଥ ସନ୍ତାନ ସନ୍ତତି ଥରେ ଅଧେ ଯାଉନଥିବା କଥା ସମ୍ବାଦପତ୍ର ଗୁଡ଼ିକର ଏକ ପରିଚିତ ଶିରୋନାମ। ଶୈଶବରୁ ବାର୍ଦ୍ଧକ୍ୟ ବା ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାନ୍ତ ପର୍ଯ୍ୟନ୍ତ ପ୍ରଲମ୍ବିତ ଆମ ଜୀବନର ପ୍ରତିଟି ସ୍ତରରେ ଯଦି ନିଃସଙ୍ଗତା ସଙ୍ଘାତ ହୋଇପଡ଼େ ତାହାହେଲେ ପରିସ୍ଥିତି ରୁଗଣ ଓ ଭୟଙ୍କର ହେବା ଅବଧାରିତ। ଏ ସମସ୍ୟାର ସମାଧାନ କେବଳ ବ୍ୟକ୍ତିଗତ ସ୍ତରରେ ସମ୍ଭବ ନୁହେଁ। କାରଣ ନିଃସଙ୍ଗତାର ଶିକାର ହୋଇଥିବା ମଣିଷଟି ତା ସମସ୍ୟାର ସମାଧାନ ଏକାକୀ କରିପାରିବ ନାହିଁ। ଏ ଦିଗରେ ସମାଜ ଏବଂ ସରକାରଙ୍କର ଦାୟିତ୍ୱ ମଧ୍ୟ ରହିଛି। ସେହିଭଳି ସୁସ୍ଥ ଥିବା ସମୟରୁ ହିଁ ମଣିଷ ସମ୍ପର୍କ ଓ ସଂପ୍ରୀତି ବଢ଼ାଇ ଚାଲିବା ପାଇଁ ସବୁପ୍ରକାର ଉଦ୍ୟମ କରିବା ଉଚିତ। ଏକଥା ଉପଲବ୍ଧି ନକଲେ କବି ଆଲେକଜାଣ୍ଡର ସେଲକର୍କଙ୍କ ବକ୍ତବ୍ୟ ଭିତରେ ତାର ଅରଣ୍ୟରୋଦନ ସୀମିତ ହୋଇ ରହିଯିବ – 'କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର/ ଯାର ପ୍ରାପତି ଯୋଗୁଁ ଦେବତା ନର। କିମ୍ବା ଥାଆନ୍ତା ଯେବେ ମୋର ବିହଙ୍ଗ ପକ୍ଷ/ଲଙ୍ଘି ଭୀଷଣ ଗିରି, ସମୁଦ୍ର ବକ୍ଷ / ଦେଖନ୍ତି ପ୍ରିୟଜନ ମୁଖ କମଳ/ ହୁଅନ୍ତା ସନ୍ତାପିତ ପ୍ରାଣ ଶୀତଳ। ସୁନ୍ଦର ଦେବତୁଲ୍ୟ ନର ଆନନ / ଦେଖିବ ନାହିଁ ଆଉ ମୋର ନୟନ / ଲିଭିବ ଏଥି ମୋର ଜୀବନ ଦୀପ / ଏ ବାରତା ନ ଯିବ ଜନ ସମୀପ'।

*ଫରିଦାବାଦ, ହରିୟାନା*

# ଓଡ଼ିଆ ଆଧ୍ୟାତ୍ମିକ ଚେତନାରେ ପରମଶାସ୍ତ୍ର ଭାଗବତ

ହେମନ୍ତ କୁମାର ପରିଡ଼ା

ଦେବଭୂମି ଭାରତ ଅତ୍ୟନ୍ତ ଦିବ୍ୟଭୂମି। କେଉଁ ସ୍ମରଣାତୀତ କାଳରୁ ଏହି ପରମ ପାବନ ଭୂମିରୁ ନିସୃତ ଅନନ୍ତ ଅନୁଦାନ ବିଶ୍ୱ ସମୁଦାୟକୁ ବହୁଭାବରେ ପ୍ରଭାବିତ ଓ ଅନୁଗୃହୀତ କରିଛି। ବିଶେଷକରି ଏହାର ସଭ୍ୟତା, ସଂସ୍କୃତି, ସାଂସ୍କୃତିକ ବିଭାବ ଓ ଆଧ୍ୟାତ୍ମିକ ଚେତନା ମାନବାତ୍ମାର ଚରମ ଉତ୍କର୍ଷ ସାଧନ କରି ସୁଖ, ଶାନ୍ତି ତଥା ଆନନ୍ଦମୟ ଜୀବନଯାପନ ପାଇଁ ଯେଉଁ ନିଶ୍ଚିତ ମାର୍ଗ ପ୍ରଦର୍ଶନ କରିଆସିଛି ତାହା ଅନନ୍ୟ। ବେଦ, ଉପନିଷଦ, ପୁରାଣ, ମହାପୁରାଣ ଆଦି ସେହି ମହାପ୍ରଭାବର ଏକ ଏକ ଅନବଦ୍ୟ ସୃଷ୍ଟି। ଏହି ସମସ୍ତ ଅମୂଲ୍ୟ ଶାସ୍ତ୍ରମାନଙ୍କ ମଧ୍ୟରେ 'ଶ୍ରୀମଦ୍‌ଭାଗବତ ମହାପୁରାଣ' ଅନ୍ୟତମ। ଏହା ଏକାଧାରରେ ଭକ୍ତି, ଜ୍ଞାନ ଓ ବୈରାଗ୍ୟର ତ୍ରିବେଣୀ ସଙ୍ଗମ। ଜୀବନରେ ଧର୍ମ, ଅର୍ଥ, କାମ, ମୋକ୍ଷ ଭଳି ଶ୍ରେଷ୍ଠ ପୁରୁଷାର୍ଥ ପ୍ରାପ୍ତିର ବିଶେଷ ଅବଲମ୍ବନ। ସମଗ୍ର ମାନବ ଜାତିର ମହାକଲୁଷ ନିବାରଣ କରିବା ପାଇଁ ସକଳ କଲ୍ୟାଣ ସାଧନର ଅଶେଷ କ୍ଷମତା ଧାରଣ କରି ବାଙ୍ଗମୟ ରୂପରେ ପ୍ରତିଷ୍ଠିତ ଗ୍ରନ୍ଥପୁରୁଷ। ଭାଗବତ ଗ୍ରନ୍ଥ ସାକ୍ଷାତ ସ୍ୱୟଂ ଭଗବାନଙ୍କର ପରମ କଲ୍ୟାଣକାରୀ ବଙ୍ଗମୟ ରୂପ। ପୃଥିବୀରେ ଏତାଦୃଶ ଆଉ କୌଣସି ଗ୍ରନ୍ଥ ଦୃଷ୍ଟିଗୋଚର ହୁଅନ୍ତି ନାହିଁ ଯାହାଙ୍କୁ ଲୋକମାନେ ଭଗବତ ସ୍ୱରୂପ ମନେକରି ପୂଜାଅର୍ଚ୍ଚନା କରନ୍ତି। ଏହା କେବଳ ଏକ ଗ୍ରନ୍ଥ ନୁହଁନ୍ତି, ପାପତାପ ନାଶକ ମୁକ୍ତ ପ୍ରଦାୟକ ସାକ୍ଷାତ ଶ୍ରୀମଦ୍‌ଭାଗବତ ଗୋସାଇଁ। ଏହି ଗ୍ରନ୍ଥ ଗୋସାଇଁ ଶ୍ରବଣ, ମନନ, ପଠନ, ପୂଜନ ଅଥବା ଦର୍ଶନ କଲେ ମନୁଷ୍ୟର ଅଶେଷ ପାପକଲୁଷ ନଷ୍ଟ ହୋଇ ସଦ୍ୟ ମୁକ୍ତିଲାଭ ହୋଇଥାଏ ବୋଲି ଲୋକମାନଙ୍କର ବିଶ୍ୱାସ। ଶ୍ରୀମଦ୍ ଭାଗବତ ମହାପୁରାଣର ପ୍ରଣେତା ହେଉଛନ୍ତି ମହର୍ଷି ବେଦବ୍ୟାସ। ଗ୍ରନ୍ଥ ରଚନା ହେଉ ଅଥବା କୃପା ପ୍ରାକଟ୍ୟ ହେଉ, ଶ୍ରୀମଦ୍ ଭାଗବତ ରୂପକ ଏହି ବାଙ୍ଗମୟୀ ମୂର୍ତ୍ତିଙ୍କୁ ନେଇ କେତେ କେତେ କଥା ଉପକଥା ଓ ଲୋକକଥାର ଦିବ୍ୟ ସମ୍ଭାର ଆମ୍ଭମାନଙ୍କ ବିଶ୍ୱାସ ତଥା ଭାବଭକ୍ତି ଓ ଅନୁଭୂତିକୁ ଋଦ୍ଧିମନ୍ତ କରିଆସିଛି ତାର ଇୟତା ନାହିଁ। ଏହା ମାନବ ଜୀବନକୁ ଖାଲି ଋଦ୍ଧିମନ୍ତ କରିନାହିଁ ପରନ୍ତୁ ଅବିଭୂତ କରିଛି, ପ୍ରବୁଦ୍ଧ କରିଛି। ଗ୍ରନ୍ଥର ମହିମା ଅତୁଳନୀୟ। ମାଧୁର୍ଯ୍ୟ ସହିତ ସୌନ୍ଦର୍ଯ୍ୟ ଓ ଗାମ୍ଭୀର୍ଯ୍ୟଭରା ଆଧ୍ୟାତ୍ମିକ ଚେତନା ପ୍ରବାହ ଏହି ମହାପୁରାଣକୁ ପ୍ରାଣବନ୍ତ କରିଛି। ବ୍ୟାସଦେବଙ୍କ ସମସ୍ତ କୃତି ଭିତରେ ଏହା ଅନନ୍ୟ। ଭାଗବତ ଶବ୍ଦ, ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ଗଭୀର ଆତ୍ମୀୟତାର ଆତ୍ମିକ ରୂପ। ଭକ୍ତ, ଭକ୍ତି ଓ ଭଗବାନ ଏକାତ୍ମତାର ପରିଚାୟକ। ଭଗବାନ ହେଉଛନ୍ତି ସତ୍ ଚିଦାନନ୍ଦ ସ୍ୱରୂପ ପରମବ୍ରହ୍ମ ପରମାତ୍ମା। ସେହି ଭଗବତ ସତ୍ତାକୁ ଜାଣିବା, ଅନୁଭବ କରିବା ପାଇଁ ପ୍ରୟାସ କରୁଥିବା ବ୍ୟକ୍ତିମାନେ ଭକ୍ତ ବା ସନ୍ଥ। ସଂସାରର ଦୁଃଖକ୍ଲେଷରୁ ନିବୃତ୍ତି ସହିତ ପରମ ଆନନ୍ଦପ୍ରାପ୍ତି ପ୍ରତ୍ୟେକ ଜୀବନର ଲକ୍ଷ୍ୟ। ଅନନ୍ତକାଳରୁ ଅନନ୍ତକାଳ ଯାଏ ପ୍ରତ୍ୟେକ ଜୀବର ଜୀବନଯାତ୍ରାରେ ଯେତେ ଅନ୍ୱେଷା ଯେତେ ଜିଜ୍ଞାସା ସବୁ ଏଥିପାଇଁ। ଅନୁଭବର ଆନନ୍ଦମାର୍ଗରେ ପାଦ ଥାପିଥିବା ପ୍ରତ୍ୟେକ ସନ୍ଥ ମହାତ୍ମା ମାନଙ୍କର ଅନୁଭବି ବକ୍ତବ୍ୟ ହେଉଛି, ଭକ୍ତ ଭଗବନ୍ତଙ୍କର ଏକାନ୍ତ ଏକାତ୍ମତାରେ ହିଁ ଏହା ସମାହିତ ହୋଇଥାଏ। ବିନ୍ଦୁ ସିନ୍ଧୁ ସମାହିତ ହେବ। ଜୀବାତ୍ମା ପରମାତ୍ମା ଏକ ହୋଇଯିବା, ଭକ୍ତ ଭଗବାନ ପରମପ୍ରେମଭକ୍ତିରେ ଆବଦ୍ଧ ହେବା ଏକକଥା। ଭଗବାନ କରୁଣା ସିନ୍ଧୁ। ସିନ୍ଧୁ ତ ସୀମିତ ? ଅସୀମ କୃପାମୟ ! ଭକ୍ତ ବତ୍ସଳ ଭାବଗ୍ରାହୀ ଭକ୍ତିଭାବରେ ବନ୍ଧା। ସେ ଅସୀମ ଅନନ୍ତ ଅଣାକାର ହେଲେ ବି ସସୀମ ସାକାର ହୋଇ ଭକ୍ତର ଭାବ ଆଧାରରେ ସମସ୍ତ ସଫଳତାର ଶ୍ରେୟଦେଇ ତାକୁ ଶ୍ରୀମଣ୍ଡିତ କରିଥାଆନ୍ତି। ସେ ସର୍ବ ସମର୍ଥ। ତାଙ୍କ କୃପାରେ ମୁକ ପ୍ରବଳ ପ୍ରବକ୍ତା ହୋଇପାରେ। ପଙ୍ଗୁ ସୁଉଚ୍ଚ ଗିରିଶୃଙ୍ଗ ଲଙ୍ଘନ କରିପାରେ। ତାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଓଡ଼ିଆ ଭାଗବତର ପ୍ରଣେତା ଅତିବଡ଼ୀ ଜଗନ୍ନାଥ ଦାସ। ଅବ୍ୟକ୍ତ ଭଗବାନ ଅହେତୁକ କୃପାକରି ବ୍ୟକ୍ତରୂପରେ ଆମ ସମସ୍ତଙ୍କୁ ପ୍ରତ୍ୟକ୍ଷ ଦର୍ଶନ ଦେବା ସହିତ ସବୁମତେ ମାର୍ଗ ପ୍ରଦର୍ଶନ ପାଇଁ ଭଗବାନ ବେଦବ୍ୟାସଙ୍କୁ ମାଧ୍ୟମ କରି ଶ୍ରୀମଦ୍ ଭାଗବତ ଗ୍ରନ୍ଥ ରୂପରେ ପ୍ରକଟିତ ହୋଇଛନ୍ତି। ଅଦ୍ଭୁତ ଏହି ଗ୍ରନ୍ଥର ମହିମା। ଏହା ପରମ ଶାସ୍ତ୍ର। ଓଡ଼ିଶାରେ ଭାଗବତ କହିଲେ ସାଧାରଣତଃ ଲୋକମାନେ ମୁଖ୍ୟତଃ ମହାତ୍ମା ଜଗନ୍ନାଥ ଦାସକୃତ ଭାଗବତଙ୍କୁ ହିଁ ବୁଝନ୍ତି। ନବାକ୍ଷରୀ ବୃତ୍ତରେ ରଚିତ ଏହି ଗ୍ରନ୍ଥ ମୂଳ ସଂସ୍କୃତ ଭାଗବତମ୍‌ଙ୍କର ଆକ୍ଷରିକ ଅନୁବାଦ ନୁହେଁ। ଯଥାସମ୍ଭବ ମୂଳଗ୍ରନ୍ଥର ବିଷୟକ୍ରମ ଓ ଭାବଧାରାକୁ ଅକ୍ଷୁର୍ଣ୍ଣ ରଖି ସ୍ୱକୀୟ ଶୈଳୀରେ ସେ ଏହା ରଚନା କରିଛନ୍ତି। ଓଡ଼ିଶାର ଘରେ ଘରେ, ପୁରେ ପୁରେ ଏହି ଗ୍ରନ୍ଥ ସାକ୍ଷାତ ଭାଗବତ ଗୋସାଇଁ ଭାବେ ପରିଚିତ, ଆଦୃତ ଓ ପୂଜିତ। ଜଗନ୍ନାଥ ଦାସ ଉତ୍କଳ ବାସୀଙ୍କ ପାଇଁ ସାକ୍ଷାତ ବ୍ୟାସଦେବ। ଜଗନ୍ନାଥ ଦାସଙ୍କ ଭାଗବତ ବ୍ୟତୀତ ଭାରତର ଆଉ କୌଣସି ପ୍ରାନ୍ତୀୟ ଭାଷାରେ ସଂପୂର୍ଣ୍ଣ ଭାଗବତମ୍ ସ୍ୱତନ୍ତ୍ର କାବ୍ୟ ଭାବେ ରଚନା କରାଯାଇନାହିଁ। ଗ୍ରାମାଞ୍ଚଳରୁ ସହରାଞ୍ଚଳ ଯାଏ, ଅତି ସାଧାରଣରୁ ସାଧାରଣ ନିରକ୍ଷରଙ୍କ ଠାରୁ ଆରମ୍ଭ କରି ଶ୍ରେଷ୍ଠ ବିଦ୍ୱାନମାନଙ୍କ ପର୍ଯ୍ୟନ୍ତ ସମସ୍ତ ଉତ୍କଳବାସୀଙ୍କ ହୃଦୟକନ୍ଦରରେ ଭାଗବତଙ୍କ ସ୍ଥାନ ସ୍ୱତନ୍ତ୍ର। ଦିନଥିଲା ଗ୍ରାମେ ଗ୍ରାମେ ଭାଗବତ ଘର, ଭାଗବତ ଟୁଙ୍ଗୀ, ଭାଗବତ ଗାଦୀ ପ୍ରତିଷ୍ଠା ଲାଭ କରିଥିଲା। ଏହାଥିଲା ଗ୍ରାମ୍ୟ ସଭ୍ୟତା, ସଂସ୍କୃତି, ସୁରକ୍ଷା ଓ ସୁଖସ୍ୱାଚ୍ଛନ୍ଦ୍ୟର ପ୍ରାଣକେନ୍ଦ୍ର। ଭାଗବତ ପଢ଼ି ଜାଣିଲେ ଲୋକେ ପାଠୁଆ ବୋଲି ପରିଗଣିତ ହେଉଥିଲେ। ବ୍ୟକ୍ତି ଜୀବନ ଠାରୁ ଆରମ୍ଭ କରି ସମାଜର ପ୍ରତ୍ୟେକ କ୍ଷେତ୍ରରେ ଭାଗବତ ଭାବ ଧାରା ଲୋକଚରିତ୍ର ଓ ସମାଜରେ ଜୀବନଯାତ୍ରାକୁ ସୁଗମ, ବଳିଷ୍ଠ ଓ ଆନନ୍ଦମୟ କରିଥିଲା। ଉଗ୍ର ଆଧୁନିକତା, ପରସଂସ୍କୃତିର ଅନ୍ଧାନୁକରଣ ଓ ନାସ୍ତିକ ବସ୍ତୁବାଦୀ ଶିକ୍ଷା ପ୍ରଭାବରେ ଆମେ ଆମ ଭାଗବତୀ ଭାବଧାରା ଠାରୁ ଯେତିକି ଯେତିକି ଦୂରେଇ ଯାଉଛୁ ସେତିକି ସେତିକି ବାସ୍ତବ ସୁଖ, ଶାନ୍ତି, ଆନନ୍ଦ ଆମ ଠାରୁ ହଜି ହଜି ଯାଉଛି। ଜୀବନ ବରଦାନ ହେବା ପରିବର୍ତ୍ତେ ବୋଝ ସାବ୍ୟସ୍ତ ହେଉଛି। ଏହା ସମସ୍ତଙ୍କର ଅନୁଭବ। ତେବେ ଆସନ୍ତୁ ପୁଣି ଆମେ ଆମ ସଂସ୍କୃତିର ଆଧାରଶୀଳା ସେହି ଭାଗବତୀ ଭାବଧାରାରେ ଅବଗାହନ କରି ସୁଖ, ଶାନ୍ତି ଆନନ୍ଦର ଅଧିକାରୀ ହେବା। ଜଗନ୍ନାଥ ଦାସ କହିଛନ୍ତି – ପରମଶାସ୍ତ୍ର ଭାଗବତ। ଅଭ୍ୟାସ କରୁଥିବ ନତ୍ୟ। ଏହା ସମସ୍ତଙ୍କର ଧ୍ୟେୟ ହେଉ। ଜୀବନ ଆନନ୍ଦମୟ ହେଉ।

*ମାଳତୀକୁଞ୍ଜ, ପ୍ଲଟନଂ ୫୨୬/ଡି,*
*ସେକ୍ଟର-୧୦, ସିଡିଏ, କଟକ,*
*ଦୂରଭାଷ : ୮୭୬୩୧୦୭୧୨୬*




# ଆଂଚଳିକ ଚିତ୍ରକଳା ଗ୍ୟାଲେରୀ ଉଦ୍‌ଘାଟିତ

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ଜିଲ୍ଲା ସଂସ୍କୃତି ଭବନ ପରିସରରେ ନବନିର୍ମିତ ଆଂଚଳିକ ଚିତ୍ରକଳା ଗ୍ୟାଲେରୀକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଭାସି(ଭର୍ଚୁଆଲ)ରେ ଉଦଘାଟନ କରିଛନ୍ତି । ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡିଶା ଲଳିତ କଳା ଏକାଡେମୀର ମିଳିତ ଆନୁକୂଲ୍ୟରେ ନିର୍ମିତ ଭୁବନେଶ୍ୱରର କଳିଙ୍ଗ ଆର୍ଟ ଗ୍ୟାଲେରୀ ଏବଂ ଗଞ୍ଜାମ, ପୁରୀ, ବାଲେଶ୍ୱର, ସମ୍ବଲପୁର ଓ କୋରାପୁଟଠାରେ ନିର୍ମିତ ୫ଟି ଆଂଚଳିକ ଆର୍ଟ ଗ୍ୟାଲେରୀ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଆଭାସିରେ ଉଦଘାଟିତ ହୋଇଥିଲା । ଏହି ଅବସରରେ ଓଡିଶାର ସାଂସ୍କୃତିକ ଗୌରବ ଓ ଐତିହ୍ୟ ଉପରେ ଆଲୋକପାତ କରି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶା ସଂସ୍କୃତି ଏବଂ କଳାର ଗନ୍ତାଘର । ଆମ ଚିତ୍ରକଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଏବଂ ହସ୍ତଶିଳ୍ପର ପରମ୍ପରା ଅନନ୍ୟ । ଏହା ଆମ ସାଂସ୍କୃତିକ ଐତିହ୍ୟର ବିବିଧତାକୁ ଦର୍ଶାଇଥାଏ । କଳା ଆମ ରକ୍ତରେ ପ୍ରବାହିତ ଏବଂ ମସ୍ତିଷ୍କରେ ସନ୍ନିବେଶିତ । ଏହି କଳାତ୍ମକ ପରମ୍ପରାକୁ ବଂଚାଇବାର ଦାୟିତ୍ୱ ଆମ ସମସ୍ତଙ୍କର । ଏହାର ସୁରକ୍ଷା, ସଂରକ୍ଷଣ ସହିତ ଏହାକୁ ପ୍ରୋତ୍ସାହିତ କରିବା ପାଇଁ ଆମର ମିଳିତ ଉଦ୍ୟମ ଏକାନ୍ତ ଆବଶ୍ୟକ । ଆଂଚଳିକ ଚିତ୍ରକଳା ଗ୍ୟାଲେରୀ ସ୍ଥାନୀୟ ଚିତ୍ରଶିଳ୍ପୀ ଓ କଳାପ୍ରେମୀଙ୍କୁ ଉତ୍ସାହିତ କରିବ ଏବଂ କଳାର ବିକାଶରେ ସହାୟକ ହେବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଆଶାପୋଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମାନ୍ୟବର ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଆର୍ଟ ଗ୍ୟାଲେରୀଗୁଡିକ ସ୍ଥାନୀୟ ଚିତ୍ରଶିଳ୍ପୀମାନଙ୍କ ସୃଜନାତ୍ମକ ବିକାଶରେ ବ୍ୟାପକ ସୁଯୋଗ ସୃଷ୍ଟି କରିବ ବୋଲି କହିଥିଲେ । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଓଡିଶା ଲଳିତ କଳା ଏକାଡେମୀ ସଭାପତି ଶ୍ରୀ ସୁଦର୍ଶନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଶ୍ରୀ ଭି.କେ.ପାଣ୍ଡିଆନ, ଉନ୍ନୟନ କମିଶନର ଶ୍ରୀ ପି.କେ. ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ, ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ପିଡି-ଡିଆରଡିଏ ଶ୍ରୀ ରବୀନ୍ଦ୍ର କୁମାର ସାହୁ, ଲଳିତ କଳା ଏକାଡେମୀ, କାର୍ଯ୍ୟକାରୀ ସମିତି ସଭ୍ୟ ଶ୍ରୀ ଗଜେନ୍ଦ୍ର ପ୍ରସାଦ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ବାଲେଶ୍ୱର ଆଂଚଳିକ ଆର୍ଟ ଗ୍ୟାଲେରୀରେ ବିଭିନ୍ନ ଚିତ୍ରଶିଳ୍ପୀଙ୍କ ୩୩ଟି ଚିତ୍ରକଳା ସ୍ଥାନିତ ହୋଇଥିବାବେଳେ ଅତିଥିମାନେ ଏହାକୁ ବୁଲି ଦେଖିବା ସହ ଏହାର ଉଚ୍ଚ ପ୍ରଶଂସା କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଅନନ୍ତ ପ୍ରସାଦ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ଆନ୍ତର୍ଜାତୀୟ ପେନସନ ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): ସ୍ଥାନୀୟ ମେଡିକାଲ ରୋଡସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘ କାର୍ଯ୍ୟାଳୟ ପରିସରରେ ସଙ୍ଘ ପକ୍ଷରୁ ଆନ୍ତର୍ଜାତୀୟ ପେନସନ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଏକ ଆଲୋଚନା ଚକ୍ର ସଙ୍ଘର ଉପଦେଷ୍ଟା ପୀତାମ୍ବର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ପ୍ରତିବର୍ଷ ଡିସେମ୍ବରମାସ ୧୭ତାରିଖରେ ସରକାରୀ ସ୍ତରରେ ପେନସନ ଦିବସ ପାଳନ କରାଯିବା ସହ ପେନସନଭୋଗୀମାନଙ୍କୁ ଚିକିତ୍ସା ଭ । ପ୍ରଦାନ କରିବା, ପେନସନ ବାର୍ଷିକ ଇନକ୍ରିମେ ପ୍ରଦାନ କରିବା, ପ୍ରତ୍ୟେକ ପେନସନରଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ବରିଷ୍ଠ ନାଗରିକ ଭାବେ ପରିଚୟପତ୍ର ପ୍ରଦାନ କରାଯିବା ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ଏହାବ୍ୟତିତ ପେନସନଭୋଗୀମାନେ ସାଂସାରିକ ଜଞ୍ଜାଳରୁ ମୁକ୍ତ ରହି ନିଜକୁ ସମାଜସେବାରେ ନିୟୋଜିତ କରିବାକୁ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଆଲୋଚନା ଚକ୍ରରେ ସଙ୍ଘର ସାଧାରଣ ସମ୍ପାଦକ ହେମନ୍ତ କୁମାର ଜେନା, ପରିବେଶବିତ କାଶୀନାଥ ରାଉତରାୟ, ତ୍ରୈଲୋକ୍ୟ ଚରଣ ସ୍ୱାଇଁ, ରଙ୍ଗାଧର ସାହୁ, ଭ୍ରମର ରାଉତ, କ୍ଷୀରୋଦ ପ୍ରସାଦ ଦାସ, ମହମ୍ମଦ ଜାହିଦ, ରବିନ୍ଦ୍ର ନାଥ ରଥ, କେଶବ ଚରଣ ସେଠୀ, ପତିତପାବନ ଲେଙ୍କା, ଶିଶିର କୁମାର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କୁ ମହାକାଳପଡା ବିକାଶ ମ ର କୃତଜ୍ଞତା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ଠାରେ ବିଶ୍ୱ ସ୍ତରୀୟ ମେଗା ଷ୍ଟିଲ ପ୍ଲା ପାଇଁ ଆରସେଲ ମି ଲ ଆଣ୍ଡ ନିପନ ଷ୍ଟିଲ ପୁଞ୍ଜି ନିବେଶରେ ଏକ ମେଗା ଷ୍ଟିଲ ପ୍ଲା ହେବାକୁ ଯାଉଥିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ଏଥିନିମନ୍ତେ ମହାକାଳପଡା ବିକାଶ ମ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ଅଶେଷ କୃତଜ୍ଞତା ଅର୍ପଣ କରାଯାଇଛି । ବିଶ୍ୱ ଇସ୍ପାତ ମାନଚିତ୍ରରେ ସ୍ଥାନ ପାଇବାକୁ ଯାଉଥିବା ମେଗା ପ୍ରକଳ୍ପ ପାଇଁ ମହାକାଳପଡା ବିକାଶ ମ ପକ୍ଷରୁ ସଭାପତି ତଥା ବିଶିଷ୍ଟ ପରିବେଶବିତ କାଶୀନାଥ ରାଉତରାୟ, ସମ୍ପାଦକ ବିଚିତ୍ରାନନ୍ଦ ବାରିକ, ଉପଦେଷ୍ଟା ପ୍ରଣବ କୁମାର ଜେନା, ହେମନ୍ତ ଜେନା, ସଦସ୍ୟ ଅଭିନ୍ନ ଚନ୍ଦ୍ର ନାୟକ, ଧନେଶ୍ୱର ସେଠୀ, ବୈଷ୍ଣବ ରାଉତ, ପବିତ୍ର ମାଇତି, ସୁକାନ୍ତ ଦାସ, ପବିତ୍ର ମୋହନ ପରିଡା, ଚି ରଞ୍ଜନ ଦାସ, ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରଦିପ କୁମାର ଦାସ, ପ୍ରମୋଦ ମହାରଥୀ, ନିରଞ୍ଜନ ଓଝା, କୃଷ୍ଣ ଚନ୍ଦ୍ର ବର୍ମନ, ପ୍ରଫୁଲ୍ଲ ଚନ୍ଦ୍ର ରାଉତ, ଆଇନଜୀବୀ ଶୁଭେନ୍ଦୁ ରାଉତରାୟ, ଅକ୍ଷୟ ନାଥ, ନଗେନ୍ଦ୍ର ପ୍ରସାଦ ଚୌଧୁରୀ, ବିଶ୍ୱନାଥ ରାଉତରାୟ, ରଞ୍ଜିତ ଖୁ ିଆ ପ୍ରମୁଖ ମି ଲ ଷ୍ଟିଲ କମ୍ପାନୀକୁ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ମହାକାଳପଡା ବିକାଶ କ୍ଷେତ୍ରରେ ଏହା ଏକ ମାଇଲ ଖୁ ହୋଇ ରହିବ ବୋଲି ମ ପକ୍ଷରୁ କୁହାଯାଇଛି । ମ ପକ୍ଷରୁ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚି ନାୟକଙ୍କୁ ମଧ୍ୟ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

## ପାଣି ପାଇଁ ଅଁଳାପାଳ ଗ୍ରାମବାସୀ ଡହଳ ବିକଳ

ବାଲେଶ୍ୱର (ପିଏନ୍)-ନୀଳଗିରି ବ୍ଲକ ବରହମପୁର ଅଁଳାପାଳ ପାନୀୟଜଳ ଯୋଗାଣ ପ୍ରକଳ୍ପର ବିଲ ଦେୟ ବାକି ଥିବାରୁ ବିଦ୍ୟୁତ୍ ସଂଯୋଗ ବିଛିନ୍ନ କରାଯାଇଛି । ଫଳରେ ଗ୍ରାମବାସୀ ପିଇବା ପାଣି ପାଇଁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏ ନେଇ ଜଳଯୋଗାଣ ବିଭାଗ ମନ୍ତ୍ରୀଙ୍କୁ ବାରମ୍ବାର ଅବଗତ କରାଯାଉଥିଲେ ବି ସେ ଶୁଣୁନାହାନ୍ତି । ଶେଷରେ ଗ୍ରାମବାସୀ ବାଲେଶ୍ୱର ଜିଲ୍ଲାପାଳଙ୍କ ସମେତ ବିଭାଗୀୟ ଉଚ୍ଚ କ ୃପକ୍ଷଙ୍କୁ ଲିଖିତ ଭାବରେ ଜଣାଇଛନ୍ତି । ବସୁନ୍ଧରା ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ଏହି ଜଳଯୋଗାଣ ପ୍ରକଳ୍ପରୁ ଅଁଳାପାଳ ଗ୍ରାମର ଶତାଧିକ ପରିବାର ତିନିବର୍ଷ ଧରି ପାନୀୟ ଜଳ ବ୍ୟବହାର କରି ଆସୁଛନ୍ତି । ତେବେ ପ୍ରକଳ୍ପ ଉପରେ ଲକ୍ଷାଧିକ ଟଙ୍କାର ବିଦ୍ୟୁତ୍ ବିଲ ବାକି ଥିବାରୁ ବିଦ୍ୟୁତ ବିଭାଗ ବାରମ୍ବାର ବିଦ୍ୟୁତ୍ ସଂଯୋଗ କାଟି ଦେବାକୁ ଚେତାବନୀ ଦେଇଥିଲେ । କୌଣସି ଉପାୟ ନ ପାଇ ଗ୍ରାମବାସୀ କିଛି କିଛି ଚାନ୍ଦା ଆଦାୟ କରି କିଛି ବିଲ ପଇଠ କରିବାକୁ ଯାଇଥିଲେ । ବିଦ୍ୟୁତ୍ ବିଭାଗ କ ୃପକ୍ଷ ଏହାକୁ ଗ୍ରହଣ ନ କରି ଫେରାଇ ଦେଇଥିଲେ । ସବୁତକ ବିଲ ଦେୟ କରା ନ ଗଲେ ବିଦ୍ୟୁତ୍ ସଂଯୋଗ ବିଛିନ୍ନ କରାଯିବ ବୋଲି କହିଥିଲେ । ଏ ନେଇ ଗ୍ରାମବାସୀ ଜଳଯୋଗାଣ ବିଭାଗର ଉଚ୍ଚ ଅଧିକାରୀଙ୍କୁ ଜଣାଇଥିଲେ । ବିଭାଗୀୟ ଅଧିକାରୀ ବିଦ୍ୟୁତ ଦେଞ୍ଚ ପଇଠ ପାଇଁ କୌଣଶି ତତ୍ପରତା ପ୍ରକାଶ କରି ନ ଥିଲେ । ଶେଷରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ଯାଇ ଗି ୨୨ ତାରିଖରେ ବିଦ୍ୟୁତ ସଂଯୋଗ ବିଛିନ୍ନ କରି ଦିଆଗଲା । ଯାହା ଫଳରେ ପ୍ରକଳ୍ପ ଉପରେ ନିର୍ଭର କରୁଥିବା ଗ୍ରାମବାସୀ ସପ୍ତାହେ ହେଲା ପାଣି ପାଇବାରୁ ବ ିତ ହୋଇଛନ୍ତି । ଯଦି ବିଭାଗୀୟ କ ୃପକ୍ଷ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନ କରନ୍ତି ତାହାହେଲେ ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଗ୍ରାମର ରୁଦ୍ରକାନ୍ତ ସାହୁ, ମୂରଲୀଧର ସାହୁ, ବସନ୍ତ ବେହେରା, ସବିତା ସିଂ ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ଖରିଆବାହାଲର ରାସ୍ତା, ନାଳି ଓ ରାସ୍ତା ଆଲୋକ ସମସ୍ୟାର ସମାଧାନ ପାଇଁ କଂଗ୍ରେସର ଦାବି



ରାଉରକେଲା (ପିଏନ୍): ରାଉରକେଲା ମହାନଗର ନିଗମ ଅ'ର୍ଗତ ୫ ନମ୍ବର ୱାର୍ଡର ଖରିଆବାହାଲ ବସ୍ତି ଅ ଳରେ କଂକ୍ରିଟ୍ ରାସ୍ତା ଓ ନାଳି ନିର୍ମାଣ ସହିତ ବସ୍ତିକୁ ଆଲୋକିତ କରିବା ପାଇଁ କଂଗ୍ରେସ ତରଫରୁ ଦାବି କରାଯାଇଛି । ଏହି ମର୍ମରେ ରାଉରକେଲା ବିଧାନସଭା କ୍ଷେତ୍ର କଂଗ୍ରେସ ନେତା ତଥା ପୂର୍ବତନ ସଭାପତି ବିରେନ ସେନାପତିଙ୍କ ନେତୃତ୍ୱରେ ବସ୍ତିର ପ୍ରତିନିଧି ଶ୍ରେଣୀର ବ୍ୟକ୍ତିମାନେ ମହାନଗର ନିଗମ କମିଶନରଙ୍କ ଅନୁପସ୍ଥିତିରେ ଉପକମିଶନର ସୁଧାଂଶୁ ଭୋଇଙ୍କୁ ସାକ୍ଷାତ କରି ଦାବିପତ୍ର ଜ୍ଞାପନ କରିଛନ୍ତି । ଏହି ବସ୍ତି ଅ ଳରେ ୩୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଆବଶ୍ୟକୀୟ ନାଳି ଅଭାବରୁ ବସ୍ତିବାସୀଙ୍କ ବ୍ୟବହୃତ ମଇଳା ଜଳ ଓ ବର୍ଷା ଜଳ ବାହାରକୁ ନିଷ୍କାସିତ ହୋଇନପାରି ବସ୍ତି ମଧ୍ୟରେ ଗୋଟିଏ ସ୍ଥାନରେ ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି ବୋଲି ପ୍ରତିନିଧିମାନେ ଏହି ଅବସରରେ କହିଥିଲେ । ସେହିପରି କଂକ୍ରିଟ୍ ରାସ୍ତା ନଥିବାରୁ ବସ୍ତିବାସିନ୍ଦାମାନେ ସାମାନ୍ୟ ବର୍ଷା ହେଲେ ଯାତାୟତରେ ଗୁରୁତର ବାଧା ସୃଷ୍ଟି ହେଉଛି ବୋଲି ପ୍ରକାଶ କରି ତୁର' ଏହି ରାସ୍ତା ଓ ନାଳି ନିର୍ମାଣ ପ୍ରତି କ ୃପକ୍ଷ ଧ୍ୟାନ ଦେବାକୁ ପ୍ରତିନିଧିମାନେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅନୁରୂପ ଭାବେ ବସ୍ତି ପାର୍ଶ୍ୱ ରାସ୍ତାକୁ ଆଲୋକୀକରଣ କରାଯାଇଥିବା ବେଳେ ବସ୍ତି ମଧ୍ୟକୁ ବିଦ୍ୟୁତ୍ ଖୁ ପକାଇ ଆଲୋକୀକରଣ କରାଯାଇନଥିବାରୁ ଅନ୍ଧାରରରେ ଯାତାୟତ କରୁଥିବା ବସ୍ତିବାସୀ ଗୁରୁତର ବାଧାର ସମ୍ମୁଖୀନ ହେଉଛନ୍ତି ବୋଲି କହିଥିଲେ । ତେଣୁ ଏସବୁ ସମସ୍ୟାର ଆଶୁ ସମାଧାନ ପାଇଁ ବସ୍ତିବାସୀମାନେ ଏହି ଅବସରରେ ପ୍ରଦ ସ୍ମାରକପତ୍ରରେ ଉଲ୍ଲେଖ କରି ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ତେବେ ଉପକମିଶନର ଶ୍ରୀ ଭୋଇ ଖୁବ୍‌ଶୀଘ୍ର ଇଞ୍ଜିନିୟରିଂ ବିଭାଗର ଅଧିକାରୀ ଉକ୍ତ ଅ ଳ ଗସ୍ତ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ପ୍ରତିନିଧି ଦଳରେ ଶ୍ରୀ ସେନାପତିଙ୍କ ସମେତ ଉକ୍ତ ୱାର୍ଡର ବାସିନ୍ଦା ତଥା ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ଜିଲ୍ଲା କଂଗ୍ରେସ ସଦସ୍ୟ ମହମ୍ମଦ ମୁର, ବ୍ଲକ୍ କଂଗ୍ରେସ ସମ୍ପାଦକ ମହମ୍ମଦ ସଲ୍ଲାଉଦ୍ଦିନ ଏବଂ ମାରିଆନୁସ ଏକ୍କା ଓ ଏସ୍‌ସି ସେଲ୍ ବ୍ଲକ୍ ଅଧ୍ୟକ୍ଷ ଶ୍ୟାମ ସାଗରଙ୍କ ସହିତ ଖରିଆବାହାଲ ପ୍ରତିନିଧି ଶ୍ରେଣୀୟ ବ୍ୟକ୍ତିମାନେ ଅଂଶଗ୍ରହଣ କରିଥିଲେ ବୋଲି ଜିଲ୍ଲା ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

## କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଡାକ୍ତରଙ୍କ ପରଲୋକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଡାକ୍ତର ବିଭୁ ପ୍ରସାଦ ମିଶ୍ରଙ୍କର ହୃଦଘାତରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ଡା. ମିଶ୍ରଙ୍କ ଘର ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ପିକରାଳି ଗ୍ରାମରେ । ରାତିରେ ଅଚାନକ ସେ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭ ର୍ତ୍ତି କରାଯାଇଥିଲା । କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସ୍ୱର୍ଗତ ମିଶ୍ରଙ୍କ ଅକାଳ ବିୟୋଗରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର, ନର୍ସ ଓ କର୍ମଚାରୀଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅନିତା ପଟ୍ଟନାୟକ, ଏଡିଏମଓ ସଚିଦାନନ୍ଦ ମିଶ୍ର, ଡା. ମିର୍ଜାବାବର ବେଗ, ଡାକ୍ତର କିଶୋର ଚନ୍ଦ୍ର ମିଶ୍ର, ଡା. ଅଶୋକ ଚନ୍ଦ୍ର କର, ଡା. କିଶୋର ଆଚାର୍ଯ୍ୟ, ଡା. ବୈକୁଣ୍ଠ ପଣ୍ଡା, ଡା. ସଞ୍ଜୀବ ସେଠୀ, ଡା. ଅଶୋକ ନାୟକ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।


## ବିନା ମୂଲ୍ୟରେ ହସ୍ତାନ୍ତର ହେଉ ପାଇକ ସ୍ମାରକୀ ଜାଗା

ଖୋର୍ଦ୍ଧା (ପିଏନ୍): ବରୁଣେଇ ପାଇକ ସ୍ମାରକୀ କେବଳ ଖୋର୍ଦ୍ଧା ବା ଓଡ଼ିଶାର ନୁହେଁ, ସାରା ଦେଶ ପାଇଁ ଏକ ଐତିହାସିକ ସ୍ମାରକୀ ହେବ । ପ୍ରଥମ ସ୍ୱାଧୀନତା ସଂଗ୍ରାମର ଇତିହାସକୁ ପରପିଢି ନିକଟରେ ଚିରସ୍ମରଣୀୟ କରି ରଖିବା ପାଇଁ ଏହା ଏକ ବଳିଷ୍ଠ ପ୍ରୟାସ ହେବ । ଏହି ପରିପ୍ରେକ୍ଷୀରେ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ସଂଗଠନର ଉପଦେଷ୍ଟା ଭୀମସେନ ପ୍ରଧାନ, ସାଧାରଣ ସଂପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଶିକ୍ଷାବିତ୍ ପ୍ରଫୁଲ୍ଲ ସାମନ୍ତରାୟ ପ୍ରମୁଖ ଖୋର୍ଦ୍ଧା ଜିଲାପାଳ ସଂଗ୍ରାମକେଶରୀ ମହାପାତ୍ରଙ୍କୁ ଭେଟି ବରୁଣେଇ ପାଇକ ସ୍ମାରକୀ ପାଇଁ କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟ ସରକାର ବିନା ମୂଲ୍ୟରେ ଜାଗା ହସ୍ତାନ୍ତର କରିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ । ଏଥିସହ ବିଜୁ ପଟ୍ଟନାୟକ ପାର୍କ ନିକଟରେ ଥିବା ପାଇକ ସଂଗ୍ରହାଳୟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଦାବି ଜଣାଇଥିଲେ । ପାଇକ ବିଦ୍ରୋହର ଦୁଇ ଶହ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ସ୍ମରଣିକା ପ୍ରକାଶନ ପାଇଁ ଦେଢ଼ ଲକ୍ଷ ଟଂକା ଖର୍ଚ୍ଚ ହୋଇଥିଲେ ମଧ୍ୟ ମାତ୍ର କେତେ ଖଣ୍ଡ ବହି ଉନ୍ମୋଚନ କରାଯାଇ ଖୋର୍ଦ୍ଧାବାସୀଙ୍କୁ ଭୁଆଁ ବୁଲାଯାଇଥିବା ନେଇ ଅସନ୍ତୋଷ ପ୍ରକାଶ କରାଯାଇଥିଲା । ସେହିଭଳି ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ଖୋର୍ଦ୍ଧା ସ୍ୱାଭିମାନର ପ୍ରତୀକ ହୋଇଥିବାରୁ ଜିଲା ପ୍ରଶାସନ ପକ୍ଷରୁ ନିରୂପିତ ଅଢେଇ ଏକର ଜାଗା ଯଥାଶୀଘ୍ର ହସ୍ତାନ୍ତର ପାଇଁ ଜିଲାପାଳ ମହୋଦୟ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା ।

## କୋଲକତାରେ ଓଡିଆ ଶ୍ରମିକଙ୍କ ମୃତ୍ୟୁ

ଧର୍ମଶାଳା (ପିଏନ୍): ପରିବାର ପ୍ରତିପୋଷଣ ପାଇଁ ଦାଦନ ଖଟିବାକୁ ଯାଇଥିବା ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁର ଗ୍ରାମର ଅନିରୁଦ୍ଧ ବିଶ୍ୱାଳ(୫୧)ଙ୍କ କୋଲକତାରେ ଏକ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ଖବରପାଇ ପରିବାର ଲୋକ କୋଲକତାରେ ପହଁଚି ମୃତଦେହକୁ ଗତକାଲି ଗାଁକୁ ଆଣିଛନ୍ତି । ଏକ ଶୋକାକୂଳ ପରିବେଶ ମଧ୍ୟରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା । ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଅନିରୁଦ୍ଧଙ୍କ ଅକାଳ ବିୟୋଗରେ ପରିବାରବର୍ଗ ବେସାହାରା ହୋଇପଡିଛନ୍ତି । ବୃଦ୍ଧା ମା' ଧୋବଣୀ, ପୁଅ ସଂଗ୍ରାମ, ଝିଅ ଶୁଭଲକ୍ଷ୍ମୀଙ୍କୁ କିପରି ପ୍ରତିପୋଷଣ କରିବେ ଏନେଇ ଚିନ୍ତାରେ ଭାଙ୍ଗି ପଡିଛନ୍ତି ବିଧବା ପତ୍ନୀ ଆଶାଲତା । ପ୍ରକାଶ ଯେ, ଜନ୍ମମାଟିରେ କାମଧନ୍ଦା ନପାଇ ଅନିରୁଦ୍ଧ ପ୍ରାୟ ୨୦ବର୍ଷ ହେଲା ଦାଦନ ଖଟିବାକୁ କୋଲକତା ଚାଲିଯାଇଥିଲେ । କୋଲକତାର ନିର୍ମଳ ଚନ୍ଦ୍ର ଷ୍ଟ୍ରିଟସ୍ଥିତ ପିକେ ରାୟ କମ୍ପାନୀରେ ଶ୍ରମିକଭାବେ କାମ କରୁଥିଲେ । ତେବେ କୋଲକତା-୧୨/୨୬ସି ଲେନ୍‌ରେ ଚା' ପିଇବା ପାଇଁ ୪ଜଣ ସହକର୍ମୀଙ୍କ ସହିତ ଅନିରୁଦ୍ଧ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିଲେ । ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ୪୦୭ମିନିଟ୍ରକ୍ ସେମାନଙ୍କ ଉପରେ ମାଡି ଯାଇଥିଲା । ଦୁର୍ଘଟଣାରେ ସମସ୍ତ ୪ଶ୍ରମିକ ଗୁରୁତର ଆହତ ହୋଇଥିଲେ । ସେମାନଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ଭ ର୍ତ୍ତି କରାଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ଅନିରୁଦ୍ଧଙ୍କର ସେଠାରେ ପ୍ରାଣବାୟୁ ଉଡିଯାଇଥିଲା । ବହୁ କଷ୍ଟରେ ପରିବାର ଲୋକେ ମୃତଦେହକୁ ଗାଁକୁ ଆଣିଥିଲେ ହେଁ, ତାଙ୍କ ଶୁଦ୍ଧିକ୍ରିୟା ଏବଂ ପରବ ୀ ସମୟରେ ପରିବାର କିପରି ପ୍ରତିପୋଷଣ ହେବ ଏହାକୁ ନେଇ ପରିବାର ଲୋକେ ଏବେ ନାନା ଚିନ୍ତାରେ । ଏହି ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସମାଜସେବୀ ଅଭିମନ୍ୟୁ ଧଳ ଓ କେଦାର ମହାନ୍ତି ପ୍ରଶାସନକୁ ଅନୁରୋଧ କରିଛନ୍ତି ।

## କେନ୍ଦ୍ରାପଡା କଲେଜ ସମାଜ ବିଜ୍ଞାନ ବିଭାଗ ଆଲୋଚନା ଚକ୍ର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗର ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଡଃ. ପ୍ରହଲ୍ଲାଦ କୁମାର କର "ସାମାଜିକ ଗବେଷଣା କ୍ଷେତ୍ରରେ ପରିକଳ୍ପନାର ଭୂମିକା" ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ମୂଲ୍ୟବାନ ମତାମତ ଉପସ୍ଥାପନା କରିଥିଲେ । ଛାତ୍ରଛାତ୍ରୀମାନେ କିପରି ଗବେଷଣା କ୍ଷେତ୍ରରେ ଏହାର ସଦୁପଯୋଗ କରିପାରିବେ ସେ ସମ୍ପର୍କରେ ପର୍ଯ୍ୟାପ୍ତ ତଥ୍ୟ ପ୍ରଦାନ କରିଥିଲେ ଡଃ. କର । ବିଭାଗୀୟ ମୁଖ୍ୟ ଡଃ. ସୁଷମା ଶତପଥୀଙ୍କ ସମେତ ବିଭାଗର ସମସ୍ତ ଅଧ୍ୟାପକ,ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଏହି ଆଲୋଚନାରେ ଉପସ୍ଥିତ ଥିଲେ ।

## ଭଣ୍ଡାରିପୋଖରୀ - ଯୁବ ଭୋଟସଂଖ୍ୟା ବୃଦ୍ଧି ପାଇଁ ମୁଁ ବି ମିତା କର୍ମଶାଳା

ଭଦ୍ରକ, (ପି.ଏନ): ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ ସମ୍ମିଳନୀ କକ୍ଷରେ 'ମୁଁ ବି ମିତା' କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଓଡିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ନିର୍ବାଚନରେ ଯୁବ ଭୋଟରଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି କର୍ମଶାଳା ବିଡିଓ ଦେବଦ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା । ନାଆମୀ ମହାବିଦ୍ୟାଳୟ, ବାରିକପୁର ଡିଗ୍ରୀ ମହାବିଦ୍ୟାଳୟ, ବାରିକପୁର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ, ଭଣ୍ଡାରିପୋଖରୀ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ଓ ନୟନମଣି ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରୁ ଚୟନ ହୋଇଥିବା ସ୍ୱଳ୍ପସଂଖ୍ୟକ ଛାତ୍ରୀମାନେ ଯୁବ ଭୋଟରଙ୍କୁ ନିର୍ବାଚନ ପର୍ବରେ ଅଂଶଗ୍ରହଣ ପାଇଁ ଆକୃଷ୍ଟ କରିବା ଲକ୍ଷ୍ୟରେ କର୍ମଶାଳାରେ ପ୍ରଶିକ୍ଷଣପ୍ରାପ୍ତ ହୋଇଥିଲେ । ସମ୍ବଲ ବ୍ୟକ୍ତିତ୍ୱ ତଥା ପ ାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିକ୍ରମ ସାହୁ ନିର୍ବାଚନରେ ଅଂଶଗ୍ରହଣ ଭଳି ଜାତୀୟ ଦାଇତ୍ୱ ପାଳନ ସହ ଉ ମ ବିଚାର ସମ୍ପନ୍ନ ଜନପ୍ରତିନିଧି ଚୟନ କରି ରାଷ୍ଟ୍ର ନିର୍ମାଣରେ ଯୁବବର୍ଗ ଅଧିକ ରୁ ଅଧିକ ସକ୍ରିୟ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ଛାତ୍ରୀ ପ୍ରଚାର ଅଭିଯାନ ଚଳାଇ ଯୁବବର୍ଗଙ୍କୁ ଏଥିପାଇଁ ପ୍ରୋତ୍ସାହିତ କରିବେ ବୋଲି କର୍ମଶାଳାରେ ଆଶା ପ୍ରକାଶ ପାଇଥିଲା ।

## ଅଷ୍ଟମ ଲୋକକଳା ଉତ୍ସବର ଦ୍ୱିତୀୟ ସଂଧ୍ୟା, ମନମୋହିଲା ବଦୋ ଓ ଦାଣ୍ଡିଆ ନୃତ୍ୟ: ଆମର କଳା ସାହିତ୍ୟ ସଂସ୍କୃତିହିଁ ଆମର ପରିଚୟ

ବଲାଙ୍ଗୀର,(ପି.ଏନ): ଏକ ଭୌଗୋଳିକ ଭୂଖଣ୍ଡ କେବଳ ନୁହେଁ, ଏହା କଳା ସାହିତ୍ୟ ସଂସ୍କୃତିର ଶ୍ରେଷ୍ଠ କ୍ଷେତ୍ର । ଏହାର ଲୋକନୃତ୍ୟ ଓ ସଂଗୀତକୁ ସର୍ବଭାରତୀୟସ୍ତରରେ ପରିଚିତ କରିବାକୁ ଓ ସାଂସ୍କୃତିକ ଭାବ ଆଦାନପ୍ରଦାନ କରିବାକୁ ଲୋକକଳା ଉତ୍ସବର ଆୟୋଜନ ଏକ ଶ୍ରେଷ୍ଠ ପଦକ୍ଷେପ । ଆମର ପରିଚୟ ଆମର କଳା ସାହିତ୍ୟ ସଂସ୍କୃତିହିଁ ହେଉ ବୋଲି ଦୁଲଦୁଲି କଳା ପରିଷଦ ଦ୍ୱାରା ଆୟୋଜିତ ଅଷ୍ଟମ ଲୋକକଳା ଉତ୍ସବର ଦ୍ୱିତୀୟ ସଂଧ୍ୟାର ସାଂସ୍କୃତିକ ସଭାର ବରେଣ୍ୟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଦୁଲଦୁଲି କଳା ପରିଷଦର ସଭାପତି ପ୍ରଭସ ପାଣିଗ୍ରାହୀଙ୍କ ସଭାପତିତ୍ୱରେ, ସନ୍ଦୀପ କୁମାର କୁଅଁରଙ୍କ ମଂଚ ସଂଯୋଜନାରେ ଅନୁଷ୍ଠିତ ଦ୍ୱିତୀୟ ଦିନର ସାଂସ୍କୃତିକ ସଭାରେ ବରେଣ୍ୟ ଅତିଥି ଭାବରେ ପୂର୍ବତନ ସାଂସଦ ପ୍ରଭାସ ସିଂ ବଲାଙ୍ଗୀର ପୌରାଧ୍ୟକ୍ଷା ଶ୍ରୀମତୀ ଲିକା ସାହୁ, ବ୍ୟଙ୍ଗକବି ରସରାଜ ଅଚ୍ୟୁତ ପୁରୋହିତ ମଂଚାସୀନ ହୋଇଥିଲେ । ଏହି ଅବସରରେ ଦୁଲଦୁଲି କଳା ପରିଷଦର ପ୍ରଥମ ନୃତ୍ୟ ନିର୍ଦ୍ଦେଶକ ସରୋଜ ମହାରଣାଙ୍କୁ ଲୋକକଳା ସମ୍ମାନରେ ସମ୍ମାନୀତ କରି ମାନପତ୍ର, ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା ମାନପତ୍ର ପାଠ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଡାକ୍ତର ଲଳିତ କୁମାର ସାହୁ । ପରେପରେ ଆରମ୍ଭ ହୋଇଥିଲା ଲୋକକଳା ଉତ୍ସବର ସାଂସ୍କୃତିକ ସଂଧ୍ୟା । ଗୁଜୁରାଟର ଦାଣ୍ଡିଆ, ସରେଇକଳା - ଛଉ, ଦୁଲଦୁଲିର ନଚନିଆ, ସମଲେଶ୍ୱରୀ କଳା ପରିଷଦ, ଭାଲେରର ଚୁଟକୁଟା ପରିବେଷଣ କରାଯାଇଥିଲା ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ



## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ 'ଓଡ଼ିଶାରେ ହିନ୍ଦୀର ସ୍ଥିତି ଓ ସମ୍ଭାବନା' ଶୀର୍ଷକ ଜାତୀୟ ସେମିନାର

ଭୁବନେଶ୍ୱର,(ପି.ଏନ):କୋରାପୁଟ ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ 'ଓଡ଼ିଶାରେ ହିନ୍ଦୀର ସ୍ଥିତି ଓ ସମ୍ଭାବନା' ଶୀର୍ଷକ ଦିନିକିଆ ଜାତୀୟ ଆଲୋଚ଼ନାଚ଼କ୍ର ଗତ ୨୭ ସେପ୍ଟେମ୍ବର ୨୦୨୩ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ମାନ୍ୟବର କୁଳପତି ପ୍ରଫେସର ଚ଼କ୍ରଧର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି ଜାତୀୟ ଆଲୋଚ଼ନାଚ଼କ୍ରର ଉଦ୍ ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଫେସର ତ୍ରିପାଠୀ ହିନ୍ଦୀର ସାମ୍ପ୍ରତିକ ପରିସ୍ଥିତି ଏବଂ ଏହାର ବୈଶ୍ୱିକ ଦୃଷ୍ଟିକୋଣ ବିଷୟରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ । ଅନୁବାଦ ମାଧ୍ୟମରେ ହିନ୍ଦୀକୁ ସମୃଦ୍ଧ କରିବା ସହ ହିନ୍ଦୀର ଉପଯୋଗୀତା ଉପରେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶା ଓ ଛତିଶଗଡ଼ର ହିନ୍ଦୀ ବିଦ୍ୱାନ ଓ ପ୍ରଫେସରମାନେ ଓଡ଼ିଶାରେ ହିନ୍ଦୀର ସ୍ଥିତି ଓ ସମ୍ଭାବନା ସମ୍ପର୍କରେ ନିଜର ମତ ରଖିଥିଲେ। ଏହି ଅବସରରେ ଓଡ଼ିଶାର ପ୍ରଥମ ହିନ୍ଦୀ-ଓଡ଼ିଶା ସେବକ , ବିଶିଷ୍ଟ ବିଦ୍ୱାନ ସ୍ୱର୍ଗତ ପ୍ରଫେସର ଡ. ତାରିଣୀ ଚ଼ରଣ ଦାସ 'ଚ଼ିଦାନନ୍ଦ'ଙ୍କୁ ମରଣୋତ୍ତର ଭାବେ 'ଓଡ଼ିଆ-ହିନ୍ଦୀ



ସେତୁ ସମ୍ମାନ-୨୦୨୩' ପ୍ରଦାନ କରାଯାଇଥିଲା। ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତାଙ୍କ ପୁଅ ଶ୍ରୀ ରବିଶଙ୍କର ଦାସ ଏହି ପୁରସ୍କାର ଗ୍ରହଣ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଯୋଗ ଦେଇ ପ୍ରଫେସର ସୁଧାଂଶୁ କୁମାର ନାୟକ ସାହିତ୍ୟିକ ସ୍ୱର୍ଗତ ଚ଼ିଦାନନ୍ଦଙ୍କ ସାହିତ୍ୟ ଅଭ୍ୟାସ ଓ ଉତ୍ସର୍ଗୀକୃତ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରି ତାଙ୍କୁ ହିନ୍ଦୀର ଜଣେ ଯୁଗପୁରୁଷ ଭାବେ ଉପସ୍ଥାପିତ କରିଥିଲେ। ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ପୁନରୁଦ୍ଧାର କରିବାରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାର ସମ୍ଭାବନା ରହିଛି ବୋଲି ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଜାତୀୟ କଳା କେନ୍ଦ୍ର ପ୍ରଫେସର ଅରୁଣ ଭରଦ୍ୱାଜ ଆଶା ବ୍ୟକ୍ତ କରିଥିଲେ । ସରକାରୀ ଭାଷା ବିଭାଗର ସଂଯୋଜକ ପ୍ରଫେସର ହେମରାଜ ମୀନା ଜାତୀୟ ହିନ୍ଦୀ ସାକ୍ଷରତା ଅଭିଯାନକୁ ତ୍ୱରାନ୍ୱିତ କରିବା ଏବଂ ହିନ୍ଦୀ ସେବାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ହିନ୍ଦୀ ବିଭାଗର ମୁଖ୍ୟ ଡ. ଚ଼କ୍ରଧର ପ୍ରଧାନ କୁଳପତି, ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା, ଓଡ଼ିଶାର ହିନ୍ଦୀ କାର୍ଯ୍ୟରତ ପ୍ରଫେସର, ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ହିନ୍ଦୀ ବିଭାଗ ପକ୍ଷରୁ ହିନ୍ଦୀ ପ୍ରଥମ ବର୍ଷ ର ବିଦ୍ୟାର୍ଥୀ କୁ ଶିବାନୀ ମଞ୍ଚ ପରିଚ଼ାଳନା କରିଥିଲେ।

## ଆନ୍ତର୍ଜାତୀକ ନିରାପଦ ଗର୍ଭପାତ ଦିବସ ପାଳିତ

ପୁରୀ, (ପି.ଏନ):ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଗୁରୁବାର ଦିନ ଆନ୍ତର୍ଜାତୀକ ଗର୍ଭପାତ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଜାତା ମିଶ୍ର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅସୁରକ୍ଷିତ ଗର୍ଭପାତ ମା ମୃତ୍ୟୁର ଏକ ପ୍ରମୁଖ କାରଣ ବୋଲି ସୂଚନା ଦେଇଥିଲେ। ଏଣୁ କେବଳ ସୁରକ୍ଷିତ ଗର୍ଭପାତ ଦ୍ୱାରା ମାତୃ ମୃତ୍ୟୁକୁ ଅନେକାଂଶରେ କମ କରାଯାଇ ପାରିବ ବୋଲି ସେ ମତ ପ୍ରକାଶ କରିଥିଲେ। ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ଡାକ୍ତର ଶୁଭେନ୍ଦୁ ବିକାଶ ପଟ୍ଟନାୟକ,ଡାକ୍ତର ରଜତ ମଞ୍ଜରୀ ପ୍ରଧାନ,ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିରଜା ଶଙ୍କର ରଥ,ଡାକ୍ତର ମନୋଜ କୁମାର ମହାନ୍ତି,ଡାକ୍ତର ଦୀପକ କୁମାର ସାହୁ,ଟି ନାରାୟଣ ରାଓ,ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ,ସ୍ୱଂୟ ସହାୟକ ଗୋଷ୍ଠୀ ସଦସ୍ୟା,ଆଶା କର୍ମୀ ଏବଂ ଅଙ୍ଗନବାଡି କର୍ମୀ ପ୍ରମୁଖ ଆଲୋଚନାରେ ଯୋଗ ଦେଇ ଅଂଶଗ୍ରହଣ କରିଥିଲେ। ୨୦୨୧ ମସିହାରେ ସଂଶୋଧିତ ଏମ.ଟି.ପି ଅଧିନିୟମ ୧୯୭୧ ଅନୁଯାୟୀ ୨୪ସପ୍ତାହ ମଧ୍ୟରେ ଗର୍ଭପାତ କରାଇବା ଆଇନ ସମ୍ମତ ବୋଲି ମତ ପ୍ରକାଶ କରିଥିଲେ। ଗର୍ଭପାତ ଯେତେ ଶିଘ୍ର ହେବ ସେତିକି ସହଜ,ସୁରକ୍ଷିତ ଏବଂ ସରଳ ହେବ ବୋଲି ପରାମର୍ଶ ଦେଇଥିଲେ। ସୁରକ୍ଷିତ ଗର୍ଭପାତ କରାଇବାର ଉପଯୁକ୍ତ ସମୟ ଓ ବିଧି ଯଥା ୯ସପ୍ତାହ ମଧ୍ୟରେ ବଟିକା ସେବନ ଦ୍ୱାରା ୧୨ ସପ୍ତାହ ମଧ୍ୟରେ ଏମ.ଭି.ଏ ପଦ୍ଧତି ଦ୍ୱାରା ଓ ୧୨ରୁ ୨୪ ସପ୍ତାହ ମଧ୍ୟରେ ଅନୁମୋଦିତ ପଦ୍ଧତି ଦ୍ୱାରା ଗର୍ଭପାତ କରାଯାଇଥାଏ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ଜଳାତଙ୍କ ଦିବସ ପାଳିତ

ପୁରୀ, (ପି.ଏନ):ଜିଲ୍ଲା ସ୍ତରୀୟ ବିଶ୍ୱ ଜଳାତଙ୍କ ଦିବସ-୨୦୨୩ ମୁଖ୍ୟ ଚିକିତ୍ସାଳୟରେ ୨୮ସେପ୍ଟେମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଜାତା ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ବିଶ୍ୱ ଜଳାତଙ୍କ ଦିବସ ପାଳନର ପ୍ରକୃତ ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। କିଭଳିଭାବରେ ପଶୁ କାମୁଡିବା ଦ୍ୱାରା ଏହି ଜଳାତଙ୍କ ରୋଗ ଭୟଙ୍କର ହୋଇପାରେ ଏବଂ ଠିକ୍ ସମୟରେ ଚିକିତ୍ସା ନ କଲେ ଏହା ଦ୍ୱାରା ରୋଗୀ ମୃତ୍ୟୁ ମୁଖରେ ମଧ୍ୟ ପଡିଥାଏ କହିଥିଲେ। ଏଥି ସହିତ ପୋଷା ପଶୁମାନଙ୍କ ଯୋଗୁଁ ଜଳାତଙ୍କରୁ ରକ୍ଷା ପାଇବା ପାଇଁ ପ୍ରତିଷେଧକ ଟୀକା ନେଇଯିବା ଉଚିତ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମନୋଜ କୁମାର ମହାନ୍ତି(ରୋଗ ନିୟନ୍ତ୍ରଣ) ବୁଲା କୁକୁର ବା ପୋଷା କୁକୁର କାମୁଡିଲେ ସଙ୍ଗେ ସଙ୍ଗେ ଉକ୍ତ ସ୍ଥାନକୁ ଭଲଭାବେ ସାବୁନରେ ଧୋଇଦେବା ସହ ଯଥା ଶିଘ୍ର ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା କରିବା ଉଚିତ ବୋଲି ସୂଚନା ଦେଇଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ବିରଜା ଶଙ୍କର ରଥ ଜଳାତଙ୍କ ରୋଗର ଭୟାବହତା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡାକ୍ତର ଦୀପକ କୁମାର ସାହୁ ଜଳାତଙ୍କ ରୋଗର ନିରାକରଣ,ପ୍ରତିକାର ବିଷୟରେ ବିସ୍ତୃତଭାବରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ସ୍କୁଲରେ ଏକ ରଚନା ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଡାକ୍ତର ସୁଜାତା ମିଶ୍ର ପୁରସ୍କୃତ କରିଥିଲେ। ଏହି ଆଲୋଚନାରେ ଜିଲ୍ଲା ପ୍ରକଳ୍ପ ପରିଚାଳକ ଟି ନାରାୟଣ ରାଓ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ରବିନ୍ଦ୍ର କୁମାର ପ୍ରଧାନ,ଡାଟା ମ୍ୟାନେଜର ଦୀପକ କୁମାର ମହାପାତ୍ର ଏବଂ ସହକାରୀ ପରିଚାଳକ(ଆଶା) ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ସହକାରୀ ପରିଚାଳକ ମନୋଜ କୁମାର ପଣ୍ଡା(ତାଲିମ) ଉପସ୍ଥିତ ବ୍ୟକ୍ତିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଆବାଜ୍ ଅଫ ଇଣ୍ଡିଆ ସଂହାର ପ୍ରିଞ୍ଜ ଏଣ୍ଡ ଡିଜିଟାଲ ମିଡ଼ିଆ ଓ ମିଶ୍ର ପେପର ପ୍ରଡ଼କ୍ସନର ମିଳିତ ଉଦ୍ୟମରେ ନୂଆଁଖାଇ

## ଭେଟ୍‌ଘାଟ କାର୍ଯ୍ୟକ୍ରମ ପାଳିତ

ବଲାଙ୍ଗୀର, (ପିଏନ) : ବଲାଙ୍ଗୀର ଶିକ୍ଷାଞ୍ଚଳସ୍ଥିତ ସଂହାର ପ୍ରିଞ୍ଜ ଏଣ୍ଡ ଡିଜିଟାଲ ମିଡ଼ିଆ ଅଫିସ୍ ପରିସରରେ ଆବାଜ୍ ଅଫ୍ ଇଣ୍ଡିଆ, ସଂହାର ପ୍ରିଞ୍ଜ ଏଣ୍ଡ ଡିଜିଟାଲ ମିଡ଼ିଆ ଓ ମିଶ୍ର ପେପର ପ୍ରଡ଼କ୍ଟସର ମିଳିତ ଉଦ୍ୟମରେ ପଶ୍ଚିମ ଓଡ଼ିଶାର ଭାଇଚାରାର ଗଣପର୍ବ ଅବସରରେ ନୂଆଁଖାଇ ଭେଟ୍‌ଘାଟ୍ ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି। ଆବାଜ୍ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ, 'ସଂହାର' ପ୍ରିଞ୍ଜ ଏଣ୍ଡ ଡିଜିଟାଲ ମିଡ଼ିଆର ସମ୍ପାଦକ ତଥା ମିଶ୍ର ପେପର ପ୍ରଡ଼କ୍ଟସର ପ୍ରୋପାଇଟର ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ସୁନିଲୀ କୁମାର ମିଶ୍ରଙ୍କର ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜସେବୀ ତଥା ପିସ୍ ୟୁନିସନର ସ୍ୱେଚ୍ଛାସେବୀ ସଂଗଠନର ଅଧ୍ୟକ୍ଷ ସତ୍ୟରନ ମିଶ୍ର, ସମାଜସେବୀ ତଥା ସଫଳ ବ୍ୟବସାୟୀ ଉମେଶ କୁମାର ଅଗ୍ରୱାଲ ଓ ହନୁମାନ ପୂଜକ ଶଙ୍କର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଏହି ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ନୂଆଁଖାଇର ମହତ୍ୱ ଏହାର ଏକ ଭାଇଚାରାର ପର୍ବ, କୃଷି ଓ କୃଷକର ଗଣପର୍ବ ବୋଲି ଆଲୋଚନା ହେବା ସହ ଏହା ଯେ, କେବଳ ପଶ୍ଚିମ ଓଡ଼ିଶାର କିମ୍ବା ଓଡ଼ିଶା ରାଜ୍ୟ ନୁହେଁ, ସମଗ୍ର ଭାରତବର୍ଷରେ ଗଣପର୍ବ ଭାବରେ ସମସ୍ତେ ଧୁମ୍‌ଧାମରେ ପାଳନ କରିବା କଥା। କାହିଁକି ନା ଚାଷୀ ଚାଷ ଜମିରୁ ପ୍ରଥମ ଧାନ ବା ଶସ୍ୟ ଆମଦାନୀ କଲାପରେ ମାଁ ଅନ୍ନପୂର୍ଣ୍ଣା ବା ଲକ୍ଷ୍ମୀ ମାଁଙ୍କୁ ଅର୍ପଣ କରି ପୂଜା କରି ଘରର ସମସ୍ତ ସଦସ୍ୟ ପ୍ରସାଦ ରୂପରେ ସେବନ କରିଥାଁ ଓ ସନ୍ଧ୍ୟାରେ ଆନନ୍ଦ ଉଲ୍ଲାସର ସହିତ ମନୋରନ କାର୍ଯ୍ୟକ୍ରମମାନ କରି ଉପଭୋଗ କରାଁ । ସେହିପରି ଦେଶ ବା ସମାଜ ଗଠନ କରିବାରେ ପ୍ରତ୍ୟେକ ବ୍ୟକ୍ତି ବିଶେଷକରି କିଛି ନା କିଛି ଭୂମିକା ନିଶ୍ଚିତ ଭାବରେ ରହିଛି ବୋଲି ମତପ୍ରକାଶ ପାଇଥିଲା। ବିଶେଷ ଭାବେ ଦେଶ ଗଠନ କରିବାରେ ସରକାରୀ କଳର ନେତା, ସମାଜସେବକ ଓ ଜନତା ଜନାର୍ଦ୍ଦନଙ୍କୁ ସଚେତନ ଓ ଚଳଚଞ୍ଚଳ କରିବାରେ ପ୍ରକୃତିରେ କର୍ମରତ ସାମ୍ବାଦିକମାନଙ୍କର ପ୍ରମୁଖ ଭୂମିକା ରହିଛି ବୋଲି ମଧ୍ୟ ମତ ପ୍ରକାଶ ପାଇଥିଲା। ତେଣୁ ସରକାର ଆଉ କାଳବିଳମ୍ବ ନକରି କାର୍ଯ୍ୟରତ ସାମ୍ବାଦିକ ଭାଇ ଭଉଣୀମାନଙ୍କୁ ଯଥାଶୀଘ୍ର ସମ୍ବିଧାନର ଚତୁର୍ଥସ୍ତମ୍ଭର ମାନ୍ୟତା ସରକାରୀ ହିସାବରେ ଘୋଷଣା କରିବା କଥା ଏବଂ ଏହା ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ହେବା କଥା। ଯେହେତୁ ଜନତା ଜନାର୍ଦ୍ଦନ ହୃଦୟ ଭିତରୁ ସାମ୍ବାଦିକମାନଙ୍କୁ ସମ୍ବିଧାନର ଚତୁର୍ଥସ୍ତମ୍ଭ ହିସାବରେ ମାନନ୍ତି ଓ ସମ୍ମାନ ଦିଅନ୍ତି, ସରକାରଙ୍କୁ ଏହା କରିବା ପାଇଁ କ'ଣ ବାଧା ସୃଷ୍ଟି ହେଉଛି।

## ଓଡ଼ିଶା ରାଜ୍ୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ

ଭୁବନେଶ୍ୱର,(ପି.ଏନ): ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପ୍ରକାଶ ପାଉଥିବା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସମ୍ପାଦକ, ପ୍ରକାଶକମାନ ଓ ସ୍ୱତ୍ତ୍ୱାଧିକାରୀମାନଙ୍କୁ ନେଇ ଓଡ଼ିଶା ରାଜ୍ୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘ ଗଠିତ ହୋଇଛି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନ ଛକସ୍ଥିତ ବୁଲନ ସେବା ସଦର ଠାରେ ସଂଘର ସାଧାରଣ ପରିଷଦ ବୈଠକ ସଂଗଠନର ରାଜ୍ୟ ସଭାପତି ତଥା ନବୀନର ସମ୍ପାଦକ ରବି ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଆଗାମୀ ଦୁଇବର୍ଷ ପାଇଁ ଏହି ସଂଗଠନର କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇଛି । ଚେୟାରମ୍ୟାନ ଭାବେ କେବିକେ ସମାଚାରର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ବିନୋଦ ମହାପାତ୍ର ମନୋନୀତ ହୋଇଛନ୍ତି । ସଭାପତି ଭାବେ ଶ୍ରୀ ରଥ ପୁନର୍ବାର ମନୋନୀତ ହୋଇଛନ୍ତି । କାର୍ଯ୍ୟକାରୀ ସଭାପତି ଭାବେ ଦୈନିକ ଅନେକ ସୂଚନାର ସମ୍ପାଦକ ନିତ୍ୟ ନିରଞ୍ଜନ ପଣ୍ଡା, ଉପସଭାପତି ଭାବେ ଘଟଣାଚକ୍ର ସମ୍ପାଦକ ଭଜରାମ ମହାପାତ୍ର ଓ ଲୋକଭାଷାର ସମ୍ପାଦକ ସୁକଦେବ ପରିଡ଼ା, ସାଧାରଣ ସମ୍ପାଦକ ଭାବେ ଅଭିନନ୍ଦନର ସମ୍ପାଦକ ଜଗଦୀଶ ମିଶ୍ର, ସଂଗଠନ ସମ୍ପାଦକ ଭାବେ ପରିବର୍ତ୍ତନର ସମ୍ପାଦକ ରମାକାନ୍ତ ପରିଜା, ସମ୍ପାଦକ ଭାବେ ସତ୍ୟ ଖବରର ସମ୍ପାଦକ ଅକ୍ଷୟ କୁମାର ନାୟକ, ଭୂମିବାର୍ତ୍ତାର ସମ୍ପାଦକ ସ୍ୱଦେଶ ଚନ୍ଦ୍ର ଦାସ, ଆଜିର ତୋଫାନର ସମ୍ପାଦକ ତପନ କୁମାର ପତି ଓ ଉପାନ୍ତ ଖବରର ସମ୍ପାଦକ ଗଣେଶ ବିଶୋୟୀ ମନୋନୀତ ହୋଇଛନ୍ତି । ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ପ୍ରଫୁଲ୍ଲ ସାମନ୍ତରା, ମିର୍ଜା ରିଜୁଆନ୍ ବେଗ, ବ୍ରଜବନ୍ଧୁ ପରିଡ଼ା, ଚିତ୍ତରଞ୍ଜନ ସ୍ୱାଇଁ, ପ୍ରକାଶ ଚନ୍ଦ୍ର ଖଟାଇ, ମହେନ୍ଦ୍ର କୁମାର ନନ୍ଦ, ଡ଼ା. ରାଜାରାମ ଷଡ଼ଙ୍ଗୀ, ସଚ୍ଚିଦାନନ୍ଦ ବଗର୍ତ୍ତି, ସୁନୀଲ ଚନ୍ଦ୍ର ନାୟକ ରହିଛନ୍ତି । କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକର ବିଭିନ୍ନ ସମସ୍ୟା ଓ ସରକାରଙ୍କ ଦୃଷ୍ଟିଭଙ୍ଗୀ ସମ୍ପର୍କରେ ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ । ଆଗାମୀ ଦିନରେ ସଂଗଠନକୁ କ୍ରିୟାଶୀଳ କରି ସମ୍ପାଦକମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା ।



## ବଲାଙ୍ଗିର ଜିଲ୍ଲା ସିନିୟର ନକଆଉଟ ଫୁଟବଲ ତୃତୀୟ ଦିବସ

ବଲାଙ୍ଗିର,(ପି.ଏନ): ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ୧୨ ଗୋଟି ପଡିଆରେ ଫୁଟବଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଟାଉନ ହାଇସ୍କୁଲ ବଲାଙ୍ଗିର ପଡିଆରେ ଅନୁଷ୍ଠିତ ଖେଳରେ ପ୍ରୋଗ୍ରେସିଭ୍ କ୍ଲବ (ବି) ୩-୦ ଗୋଲରେ ମାଣିକେଶ୍ୱରୀ କନ୍ଧପାଲିକୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ପୂର୍ବ ଖେଳାଳି ସୁରେନ୍ଦ୍ର ବାଗ ଯୋଗ ଦେଇଥିଲେ । ଖେଳକୁ ଶୁଶାନ୍ତ ନାଗ, ବିକି ବିଶି, ଉମେଶ ଭୋଇ ଓ ଅବଦୁଲ ମୁଜିବ ପରିଚାଳନା କରିଥିଲେ। ଖୁଜେନପାଲି ପଡିଆରେ କାଲସାଏପାଲି ଆରଏଫ୍ ?ସି ୧-୦ ଗୋଲରେ ବାଗଭାଡିକୁ ହରାଇ ବିଜୟୀ ହୋଇଛି। ଦ୍ୱିତୀୟ ଖେଳରେ ଗଇଁତଲା ଟ୍ରାଇବ୍ରେକର ୪-୩ ଗୋଲରେ ଏନ୍ଏସ୍ ସ୍ପୋର୍ଟିଂ କୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ ସୁପ୍ରିମଟାଙ୍କ ରାଷ୍ଟ୍ରୀୟ ନିର୍ଦ୍ଦେଶକ ଅଜିତ ପାଲ, ଅତିରିକ୍ତ ନିର୍ଦ୍ଦେଶକ ପ୍ରବୀଣ ନାଗ, କ୍ରୀଡା ସଂସଦର ସଦସ୍ୟ ଭୁପେନ୍ଦ୍ର ପ୍ରସାଦ ସିଂ ଓ ପୂର୍ବ ଖେଳାଳି ସରୋଜ ତ୍ରିପାଠି ଯୋଗ ଦେଇଥିଲେ। ସଂସଦର ଯୁଗ୍ମ ସଂପାଦକ ଶତ୍ରୁଘନ ସିଂ, ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର, ଏଥେଲେଟ ସଂପାଦକ ବିଭୁତି ଭୂଷଣ ପଣ୍ଡା ମଂଚାସିନ ଥାଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ସୁଦୟ ବାରିକ, ନରିସିଂସ୍ୱାମୀ ନାଇଡୁ, ଦେବାଶିଷ ବାଗ, ପ୍ରଫୁଲ୍ଲ ବଗର୍ତି, ଶୁଭ୍ରାଂଶୁ ରାଉତ ଓ ଜ୍ୟୋତି ମହାନନ୍ଦ ପରିଚାଳନା କରିଥିଲେ । ସାଇଟ ପଡିଆରେ ଚନ୍ଦନଭାଟି ୨-୦ ଗୋଲରେ ଜନକପୁର କୁ ହରାଇ ବିଜୟୀ ହେଲା। ଅତିଥି ଭାବେ କ୍ରୀଡା ସଂସଦର ସଦସ୍ୟ ଶରତ କୁମାର ନନ୍ଦ, ପୂର୍ବ ଖେଳାଳି ଗରୁଡଧ୍ୱଜ ସାଏ, ସୁଶ୍ରୀ ଆଇଟିଆଇ ଅଧ୍ୟକ୍ଷ ସନ୍ତୋଷ କୁମାର ବ୍ରହ୍ମା ଓ ଆଦିତ୍ୟ ପଟ୍ଟନାୟକ ଯୋଗ ଦେଇଥିଲେ। ଖେଳକୁ ସୁଦର୍ଶନ ସେଠ, ନିଶାରକାନ୍ତ ନାଗ, ସୁରେଶ ନାଏକ ଓ ସୁଧାଂଶୁ ସେଠ ପରିଚାଳନା କରିଥିଲେ। ଲୋଇସିଂହା ପଡିଆରେ ବିଲେଇସର୍ଡା ଟ୍ରାଇବ୍ରେକର ୩-୧ ଗୋଲରେ ଛତାବାହାଲ କୁ ହରାଇ ବିଜୟି ହେଲା। ଅତିଥି ଭାବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଜନଜାତି ବ୍ରଜମୋହନ ବିଶୋଇ ଯୋଗ ଦେଇଥିଲେ। ଖେଳକୁ ପ୍ରଦୀପ ବଗର୍ତି, ବିଜୟ ରଣା, ଗୋପାଳ ପ୍ରଧାନ ଓ ଦାମୋଦର ରାଉତ ପରିଚାଳନା କରିଥିଲେ। ଟିଟିଲାଗଡ ସିଟି ସ୍କୁଲ ପଡିଆରେ ଗୁଲମି ୨-୧ ଗୋଲରେ ଭିଏସ୍ ?ଏସ୍ ଟିଟିଲାଗଡକୁ ହରାଇ ବିଜୟୀ ହେଲା। ଅତିଥି ଭାବେ ଟିଟିଲାଗଡ ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ ଯୋଗ ଦେଇଥିଲେ। ଖେଳକୁ ବିବଚ୍ଛ ମାଝି, ଯଶୋବନ୍ତ ମାଝି, ମୋହନ ପ୍ରଧାନୀ ଓ ରାଜେଶ ସ୍ୱାଇଁ ପରିଚାଳନା କରିଥିଲେ। ଖୋଲାନ ପଡିଆରେ ଖୋଲାନ ୨-୦ ଗୋଲରେ ମହଗାଁକୁ ହରାଇ ବିଜୟୀ ହେଲା। ଅତିଥି ଭାବେ ଖୋଲାନ ସରପଂଚ ନରେଶ ଅଗ୍ରୱାଲ ଯୋଗ ଦେଇଥିଲେ। ଖେଳକୁ ମଳୟ ଘିଭେଲା, କର୍ଣ୍ଣ ଭୋଇ, ପ୍ରମୋଦ ରଣା ଓ ସନ୍ନ୍ୟାସି ନାଏକ ପରିଚାଳନା କରିଥିଲେ। ସୁଜିଆ ପଡିଆରେ ମନହିରା ୧-୦ ଗୋଲରେ ଝାରମୁଣ୍ଡାକୁ ହରାଇ ବିଜୟୀ ହେଲା। ଅତିଥି ଭାବେ ଜିଲ୍ଲା କଂଗ୍ରେସ ଏସ୍‌ସି ସେଲ ସଭାପତି ଓମ୍ ପ୍ରକାଶ କୁମ୍ଭାର, ପୂର୍ବ ଖେଳାଳି ଗୋବର୍ଦ୍ଧନ ଧରୁଆ ଓ ବିଏସ୍‌ଏଫ୍ ଜବାନ ବ୍ରଜନାଥ ଧରୁଆ ଯୋଗ ଦେଇଥିଲେ। ଖେଳକୁ ଜିତେନ୍ଦ୍ର ପାତ୍ର, କରୁଣାକର ପ୍ରଧାନ, ଶ୍ରବଣ ବାଗ ଓ ଜ୍ୟୋର୍ତିମୟ ରାଉତ ପରିଚାଳନା କରିଥିଲେ। ଜରାସିଂହା ପଡିଆରେ ହାତିସରା ୩-୧ ଗୋଲରେ ଡଙ୍ଗାବାହାଲକୁ ହରାଇ ବିଜୟୀ ହେଲା। ଅତିଥି ଭାବେ ପୂର୍ବ ଖେଳାଳି ଦେବ ପ୍ରସାଦ ମେହେର, ଚିତରଂଜନ ଥନାପତି ଓ କରୁଣାକର ମେହେର ଯୋଗ ଦେଇଥିଲେ। ଖେଳକୁ କୁନ୍ତେ ମେହେର, ପ୍ରଶାନ୍ତ ଥନାପତି, ସଞ୍ଜନ କୁଦେଇ ଓ ଶୁଶାନ୍ତ ଥନାପତି ପରିଚାଳନା କରିଥିଲେ। ହଲଦି ପଡିଆରେ ହଲଦି ୪-୦ ଗୋଲରେ ଡୁଡୁକାପଡାକୁ ହରାଇ ବିଜୟୀ ହେଲେ। ଅତିଥି ଭାବେ ହଲଦି ସରପଂଚ ସୋମିନା ସେଠ, ଏମ୍‌ପି ନୋମିନି ଶ୍ରୀବସ୍ତ ବେହେରା ଓ ନାଏବ ସରପଂଚ ଦିଗାମ୍ବର ବାଗ ଯୋଗ ଦେଇଥିଲେ। ଖପ୍ରାଖୋଲ ପଡିଆରେ ଲୁହାସିଂହା ଟ୍ରାଇବ୍ରେକର ୬-୫ ଗୋଲରେ ଖପ୍ରାଖୋଲକୁ ହରାଇ ବିଜୟୀ ହେଲା। ଖେଳକୁ କ୍ଷୀରସିନ୍ଧୁ ବେହେରା, ଶ୍ରୀରାମ ସାହୁ, ଦିପକ ରାଜହଂସ ଓ ଦୋଳଗୋବିନ୍ଦ ମୁଣ୍ଡା ପରିଚାଳନା କରିଥିଲେ । କଂଟାବାଞ୍ଜି ପଡିଆରେ ଫ୍ରେଣ୍ଡସ୍ କ୍ଲବ ୨-୦ ଗୋଲରେ ରାଜେନ୍ଦ୍ର ନଗରକୁ ହରାଇ ବିଜୟୀ ହେଲା। ଅତିଥି ଭାବେ କୈଳାସ ଦିପ, ଦିଲିପ ଧରୁଆ ଓ ଶୁଭେନ୍ଦୁ ମହାନ୍ତି ଯୋଗ ଦେଇଥିଲେ। ଖେଳକୁ ରାଜେନ୍ଦ୍ର ଧରୁଆ, ଉପେନ୍ଦ୍ର ଚନ୍ଦନ, ବିଜୟ ଖମାରୀ, ଉମେଶ ଧରୁଆ ପରିଚାଳନା କରିଥିଲେ । ପାଟଣାଗଡ ପଡିଆରେ ଖୁଣ୍ଟସମଲେଇ ୫-୧ ଗୋଲରେ ମଲ୍ଲିକମୁଣ୍ଡାକୁ ହରାଇ ବିଜୟୀ ହେଲା । ଅତିଥି ଭାବେ ପାଟଣାଗଡ ଭାଇସଚେୟାରମେନ ଏନ୍‌ଏସି ପ୍ରଫୁଲ୍ଲ ମେହେର ଯୋଗ ଦେଇଥିଲେ। ଖେଳକୁ ତ୍ରିନାଥ ଚନ୍ଦନ, ଚୈତନ୍ୟ ସାହୁ, ରାଜେନ୍ଦ୍ର ସେଠ ଓ ଖୁସିରାମ ମେହେର ପରିଚାଳନା କରିଥିଲେ ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray